# ୨ ହଜାର ବାଟୋଇଙ୍କୁ ଲସି ବାଣ୍ଟିଲେ


ଚରମ୍ପାଠାରେ ମାରୁୱାଡ଼ି ମହିଳା ସମିତି ପକ୍ଷରୁ ବାଟୋଇମାନଙ୍କୁ ଲସି ବଣ୍ଟନ କରାଯାଉଛି।

ଭଦ୍ରକ, ୨୩।୪ (ରବିନାରାୟଣ ଖିଲାର)

ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମାରୁୱାଡ଼ି ମହିଳା ସମିତି ପକ୍ଷରୁ ମଙ୍ଗଳବାର ଚରମ୍ପା ଓଭରବ୍ରିଜଠାରେ ୨ ହଜାର ବାଟୋଇଙ୍କୁ ଲସି ବଣ୍ଟନ କରାଯାଇଛି। ସଭାନେତ୍ରୀ ଅଞ୍ଜୁ ଡିଡ଼ୱାନିଆ, ସମ୍ପାଦିକା ସୁନିତା ଗୁପ୍ତା, ନିତୁ ଡିଡ଼ୱାନିଆ, ସନ୍ଧ୍ୟା ଗୁପ୍ତା, ମଞ୍ଜୁ ଗୁପ୍ତା, ସଞ୍ଜୁ ଗୁପ୍ତା, ପୁଷ୍ପା ଖେମକା, ବେଲ ଅଗ୍ରୱାଲ, ରାଜଶ୍ରୀ ପୋଦାର, ସୁମନ ପଟୱାରୀ, ରେଖା ଭୀମ୍ରାଜ ପ୍ରମୁଖ ସଭ୍ୟା ଲସି ବଣ୍ଟନ କରିଥିଲେ। ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ସଭ୍ୟା ଏଥିରେ ସାମିଲ ହୋଇଥିଲେ।

# ବିଡିଓଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା

## ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ନେଇ ଅଭିଯୋଗ

ବାସୁଦେବପୁର, ୨୩।୪ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ପଦ୍ମପୁର ସୁଗୋ ସୀମା ସଂଲଗ୍ନ ଦୁଇ ପଞ୍ଚାୟତ। ପୂର୍ବରୁ ବିଭିନ୍ନ ସୀମା ସମସ୍ୟାକୁ ନେଇ ଦୁଇ ପଞ୍ଚାୟତର ନେତୃତ୍ୱଙ୍କ ମଧ୍ୟରେ ବିବାଦ ଦେଖା ଦେଇଛି। ଏବେ ପଦ୍ମପୁର ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟରେ ଜାଣିଶୁଣି ବାଧା ସୃଷ୍ଟି କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ମଙ୍ଗଳବାର ପଦ୍ମପୁର ପଞ୍ଚାୟତର ଲୋକେ ବିଡିଓଙ୍କ ଅଫିସ ପରିସରରେ ଧାରଣାରେ ବସିଥିଲେ। ଦୀର୍ଘ ସମୟ ଧରି ଯୁବନେତା ଅଶୋକ ନାୟକଙ୍କ ନେତୃତ୍ୱରେ ଏହି ଧାରଣା ଚାଲିଥିବା ବେଳେ ଅଭିଯୋଗର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଡିଓଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ସେମାନେ ଧାରଣାରୁ ଉଠିଛନ୍ତି।

ସ୍ଥାନୀୟ କପାଗଡ଼ିଆ ନିକଟସ୍ଥ ବିଦ୍ୟୁତ୍ ଷ୍ଟ୍ରକ୍‌ଚରଠାରୁ ସୁଗୋ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାଟି ଜଙ୍ଗଲ ଜମି କିସମରେ ନିର୍ମିତ କିପରି ହେଲା ତାହାକୁ ନେଇ ଯୁବନେତା ଅଶୋକ ନାୟକ ପ୍ରଶ୍ନ ଉଠାଇବା ସହ ଏହାର ତଦନ୍ତ ଦାବି କରିଛନ୍ତି। ଏନେଇ ବିଡିଓ ସଞ୍ଜୀବ କୁମାର ସାହୁ ସମାଧାନ ପାଇଁ ତହସିଲଦାରଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ପ୍ରଶିକ୍ଷଣ ନେଲେ ୧୩୦ରୁ ଉର୍ଦ୍ଧ୍ୱ ହଜ୍ ଯାତ୍ରୀ


ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିବା ହଜ୍ ଯାତ୍ରୀମାନେ।

ଭଦ୍ରକ, ୨୩।୪ (ସନାତନ ରାଉତ)

ଭଦ୍ରକ ହଜ୍ ଟ୍ରେନିଂ କମିଟି ଆନୁକୂଲ୍ୟରେ ପୁରୁଣାବଜାରସ୍ଥିତ ରୟାଲ ପ୍ୟାଲେସ ଠାରେ ଦୁଇଦିନ ଧରି ହଜ୍ ଯାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ହାଜି ଶେଖ୍ ସିରାଜୁଦ୍ଦିନ, ହାଜି ମିର୍ଜା ଇସଲାମ ବେଗ ଓ ହାଜି ସଲିମ ଖାନଙ୍କ ଉପସ୍ଥିତିରେ ମୌଲାନା ସୈୟଦ ଅବଦୁଲ ମସଜୁଦ ହବିବିଙ୍କ ସଂଯୋଜନାରେ ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା। ୩ଜଣ ପ୍ରଶିକ୍ଷକ ସୈୟଦ ଅବଦୁସ୍ ସୁବହ୍ନୁ, ମୁଫତି ମହମ୍ମଦ କାଶିମ ଓ ମୌଲାନା ଗୋଲାମ ଗୌଷ ହଜ୍ ଯାତ୍ରୀଙ୍କୁ ତାଲିମ ଦିଆଯାଇଥିଲା। ଭଦ୍ରକରୁ ୩୫ଜଣଙ୍କ ସହ ଓଡ଼ିଶାର ୧୨ଟି ଜିଲାରୁ ୧୩୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ହଜ୍ ଯାତ୍ରୀ ତାଲିମ୍ ନେଇଛନ୍ତି।

ଓଡ଼ିଶାରୁ ସର୍ବମୋଟ ୫୩୫ଜଣ ହଜ୍ ଯାତ୍ରୀ ମେ ୧୫ରୁ ୨୫ ତାରିଖ ଭିତରେ ହଜ୍ ତୀର୍ଥରେ ଯିବେ। ସାଉଦି ଆରବର ମକ୍କା ସରିଫ ଓ ମଦିନା ସରିଫରେ ପହଞ୍ଚିବା ପରେ ୭ଥର ତୱାଫ କରିବା ନିୟମ, ୭ଥର 'ସଫା ଓ ମରୱା'ରେ ଚାଲିବା, ନମାଜ ପଢ଼ିବା, ସଇତାନକୁ ପଥର ମାରିବା, କୁରବାନୀର, ମସ୍‌ଜିଦେ ନବୱୀରେ ରୌଜା-ଏ-ରସୁଲ ପ୍ରବେଶର ନିୟମ ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ହଜ୍ କମିଟିର ସଭାପତି ହାଜୀ ମହମ୍ମଦ ଫାରୁକ, ଉପସଭାପତି ମିର୍ଜା ଏକ୍ରାମ ବେଗ, ସମ୍ପାଦକ ଅସରଫ୍ ଅଲ୍ଲି ଖାନ, ସହସମ୍ପାଦକ ମିର୍ଜା ମୋଜିବୁର ରହେମାନ, ହାଜି ଅବୁ କାଶିମ ଖାନ, ହାଜି ଅନୱର ହୋସେନ, ହାଜି ଡ. ଶେଖ୍ ଅଲାଉଦ୍ଦିନ, ଆଇନଜୀବୀ ହାଜି ଶେଖ୍ ଅବୁ-ସୁଫୟାନ, ପ୍ରଫେସର ହାଜି ଶେଖ୍ ନାସିର ବକ୍ସ, ଶେଖ୍ ମୁସ୍ତାକ, ଶେଖ୍ ରିଆଜୁଦ୍ଦିନ, ହାଜୀ ମହମ୍ମଦ ସବବର, ମୁସ୍ତାକ ଖାନ, ଶେଖ୍ ଫାରୁକ, ହେମନ୍ତ ସାହୁ ପ୍ରମୁଖ ପ୍ରଶିକ୍ଷଣ ଶିବିରରେ ସହଯୋଗ କରିଥିଲେ।

# ହାଇୱା ସହ ବାଇକ୍ ଧକ୍କା

## ଫାର୍ମାସିଷ୍ଟ ମୃତ, ୧୦୨ ଚାଳକ ଗୁରୁତର

ତିହିଡ଼ି,୨୩।୪ (ସଞ୍ଜିତ ବଳ)

ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ଫତେପୁର ଛକ ନିକଟରେ ସୋମବାର ରାତିରେ ଏକ ହାଇୱା ସହ ବାଇକ୍ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ୧୦୮ ଆମ୍ବୁଲାନ୍ସରେ ରହୁଥିବା ଜଣେ ଫାର୍ମାସିଷ୍ଟଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ୧୦୨ ଚାଳକ ଗୁରୁତର ଆହତ ହୋଇଛନ୍ତି। ମୃତ ଫାର୍ମାସିଷ୍ଟ ହେଉଛନ୍ତି ପୁରୀ ଜିଲା ଡେଲାଙ୍ଗ ଥାନା ଅଧୀନ ଗୁଆଲିପଡା ଗ୍ରାମର ସତ୍ୟବ୍ରତ ବେହେରା(୨୮)। ଗୁରୁତର ୧୦୨ ଚାଳକ ହେଲେ ପୀରହାଟ ଥାନା ଅଧୀନ କାନପୁର ଗ୍ରାମର ଗଣେଶ ପାଣ୍ଡବ(୩୫)।

ସୂଚନା ଅନୁଯାୟୀ, ସତ୍ୟବ୍ରତ ଓ ଗଣେଶ ରାତି ପ୍ରାୟ ୧୧ଟା ବେଳେ ବାଇକ୍‌ରେ କାନପୁରରୁ ତିହିଡ଼ି ଯାଉଥିଲେ। ଫତେପୁର ଛକରେ ରାସ୍ତା ଉପରେ ଅଟକିଥିବା ଏକ ହାଇୱା ସହ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ସତ୍ୟବ୍ରତଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଗଣେଶଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ତିହିଡ଼ି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ମୋଦି ଗ୍ୟାରେଣ୍ଟି ସଂକଳ୍ପ ପତ୍ର ଲୋକାର୍ପିତ


ସଂକଳ୍ପ ପତ୍ର ଲୋକାର୍ପଣ କରାଯାଉଛି।

ଭଦ୍ରକ,୨୩।୪(ସନାତନ ରାଉତ)

ଭଦ୍ରକ ଜିଲା ଭାଜପାର ନୂତନ କାର୍ଯ୍ୟାଳୟରେ ମଙ୍ଗଳବାର ସନ୍ଧ୍ୟାରେ ଆହୂତ ଖବରଦାତା ସମ୍ମିଳନୀରେ ମୋଦି ଗ୍ୟାରେଣ୍ଟିର ସଂକଳ୍ପ ପତ୍ର ଲୋକାର୍ପଣ କରାଯାଇଛି। ସଂକଳ୍ପ ପତ୍ରରେ ଉଲ୍ଲେଖ ରହିଥିବା କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକ ସଭା ପ୍ରାର୍ଥୀ ତଥା ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ ଆଲୋକପାତ କରିଥିଲେ। ଚାଷୀ, ମହିଳା, ଶ୍ରମିକ ଓ ଯୁବକମାନଙ୍କ ପାଇଁ ବହୁ ଉନ୍ନୟନ କାର୍ଯ୍ୟ କରାଯାଇଛି ଏବଂ ଆଗକୁ କରାଯିବ ବୋଲି ମୋଦି ଗ୍ୟାରେଣ୍ଟି ଦେଇଥିବା ସେ କହିଥିଲେ। ପ୍ରଧାନମନ୍ତ୍ରୀ ୨୩୫ଟି ମଧ୍ୟରୁ ୨୨୨ଟି ପ୍ରତିଶ୍ରୁତି ପାଳନ କରିଛନ୍ତି। ଭଦ୍ରକ ଜିଲାରେ ଜାତୀୟ ରାଜପଥର ଉନ୍ନତୀକରଣ, ଧାମରା ବନ୍ଦରର ଉନ୍ନତୀକରଣ କରିବା ସହ ଉଜ୍ଜ୍ୱଳା ଯୋଜନା, ସ୍ୱଚ୍ଛ ଭାରତ, ବେଟି ବଚାଓ ବେଟି ପଢ଼ାଓ ଆଦି ୨୨ଟି ଲୋକାଭିମୁଖୀ ଯୋଜନା ପାଇଁ ପ୍ରଧାନମନ୍ତ୍ରୀ ଲୋକପ୍ରିୟତା ହାସଲ କରିପାରିଛନ୍ତି ବୋଲି ଅଭିମନ୍ୟୁ କହିଥିଲେ। ଜିଲା ସାଧାରଣ ସମ୍ପାଦକ ମନୋଜ ମଲ୍ଲିକ, ଭଦ୍ରକ ବିଧାନସଭା ପ୍ରାର୍ଥୀ ସୀତାଂଶୁ ଶେଖର ମହାପାତ୍ର, ଲୋକ ସଭା ପ୍ରଭାରୀ ବୈଦ୍ୟନାଥ ଚାଟାର୍ଜୀ, ବ୍ରଜକିଶୋର ମିଶ୍ର, ସାଧାରଣ ସମ୍ପାଦକ ଶଶିକାନ୍ତ ବିଶ୍ୱାଳ, ଅଶୋକ ପରିଜା, ଭଗବାନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଦେହୁଡ଼ି ଆନନ୍ଦପୁରରେ ଭାଜପାର ମିଶ୍ରଣ ପର୍ବ


କ୍ୟାପ୍ସନ୍....................

ଧାମନଗର,୨୩।୪(ଦେବେନ୍ଦ୍ର ଆଦ୍ଦିଆ)

ଧାମନଗର ବ୍ଲକ ଅଧୀନ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତର ଗୁଆବାଡ଼ିଠାରେ ଥିବା କମ୍ୟୁନିଟି ସେଣ୍ଟରଠାରେ ମଙ୍ଗଳବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁକୁନ୍ଦଦେବ ମଣ୍ଡଳ ସଭପତି ରମେଶ ଚନ୍ଦ୍ର ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଭାଜପା ଜିଲା ସଭାପତି ହେମନ୍ତ ପାଢ଼ୀ, ପୂର୍ବତନ ମଣ୍ଡଳ ସଭାପତି ଅରବିନ୍ଦ ପତି, ଦୋବଲ ସରପଞ୍ଚ ଅଶୋକ ପଣ୍ଡା, ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ, ପ୍ରମୋଦ ଆଦ୍ଦିଆ, ଗୋପାଳ ଚନ୍ଦ୍ର ବେହେରା, ଦେବେନ୍ଦ୍ର ସାହୁ, ଭୀମସେନ ସାହୁ, ଉତ୍ତମ ନାଥ ପ୍ରମୁଖ ଯୋଗ ଦେଇଥିଲେ। ପାହାଡ଼ପୁର, ମାନଲାପୁର, ଚମ୍ପାବାଗ, ବାବୁସାହି, ଉଡେଇପୁର୍ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଗଜେନ୍ଦ୍ର ମାଝୀ, ତରଣି ଜେନା, ଜଗନ୍ନାଥ ସାହୁ, ଯଦୁନା ବେହେରା, ଉମାକାନ୍ତ ସାହୁ, କୁଳମଣି ଶତପଥୀ, ନରେନ୍ଦ୍ର ଦାଶ, ମହେଶ୍ୱର ଜେନା, କୁମାରେଶ ଆଦ୍ଦିଆ, ଭଗବାନ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

# ସାହିତ୍ୟିକା ଶାନ୍ତିଲତା ନାଗଙ୍କ ପରଲୋକ

ଭଦ୍ରକ,୨୩।୪(ସନାତନ ରାଉତ/ ରବିନାରାୟଣ ଖିଲାର)



ବିପ୍ଳବୀ ଚକ୍ରଧର ବେହେରାଙ୍କ ନାତୁଣୀ ତଥା ସ୍ୱାଧୀନତା ସଂଗ୍ରାମୀ, ଆଇନଜୀବୀ ସ୍ୱର୍ଗତ ଗୟାଧର ବାରିକଙ୍କ ବଡ଼ଝିଅ ସାହିତ୍ୟିକା ଶାନ୍ତିଲତା ନାଗ(୭୧)ଙ୍କ ସୋମବାର ସନ୍ଧ୍ୟାରେ ପରଲୋକ ହୋଇଛି। ସନ୍ଧ୍ୟାରେ ସେ ଭଦ୍ରକ ସହର ପ୍ରାଚୀନଗରସ୍ଥିତ ତାଙ୍କ ଘରେ କୌଣସି କାରଣରୁ ସଂଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି।

ସେ ଇଂ. ନାରାୟଣ ନାଗଙ୍କ ପତ୍ନୀ। ସେ ଜଣେ ସାହିତ୍ୟିକା, କବୟିତ୍ରୀ ସହ ପରିବେଶପ୍ରେମୀ ଓ ସ୍ନେହୀ ମହିଳା ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ଭଦ୍ରକ ଜିଲାରେ ଶୋକର ଛାୟା ଖେଳିଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ନାୟକ, ତ୍ୟାଗଭୂମିର ସଭାପତି ଅଜୟ ନାୟକ, ସମ୍ପାଦକ ଆଇନଜୀବୀ ଗଦାଧର ବଳ, ଶଶଧର ଦାଶ, ଆଇନଜୀବୀ ଅତିଶ ବେହେରା, ଗୁରୁକଲ୍ୟାଣ ମହାପାତ୍ର, ବଳରାମ ମିଶ୍ରଙ୍କ ସମେତ ବହୁ ସାହିତ୍ୟିକ ଓ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଏମ୍‌ପି, ବିଧାୟକ, ଆଇନଜୀବୀଙ୍କ ସହ ବିଭିନ୍ନ ସଙ୍ଗଠନ ଓ ଯାଦବ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ଦଳୀୟ ସଙ୍ଗଠନ ସୁଦୃଢ଼ କରିବାକୁ ଗୁରୁତ୍ୱ

## କଂଗ୍ରେସର ବ୍ଲକସ୍ତରୀୟ ନିର୍ବାଚନୀ ସଭା, ମିଶ୍ରଣ ପର୍ବ

ତିହିଡ଼ି,୨୩।୪ (ସଞ୍ଜିତ ବଳ)

ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ବାରୋ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ କଂଗ୍ରେସର ବ୍ଲକସ୍ତରୀୟ ନିର୍ବାଚନୀ ସଭା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସର ଧାମନଗର ବିଧାୟକ ପ୍ରାର୍ଥୀ ରଞ୍ଜନ କୁମାର ବେହେରାଙ୍କ ଆବାହକତ୍ୱ ଏବଂ ବ୍ଲକ ସଭାପତି ସରୋଜ କୁମାର ଦାସଙ୍କ ପୌରୋହିତ୍ୟରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ନିର୍ବାଚନମଣ୍ଡଳୀ ଅଧୀନ ୧୩ ପଞ୍ଚାୟତର ନେତା ଓ କର୍ମୀ ଏଥିରେ ଯୋଗଦେଇ ଆସନ୍ତା ନିର୍ବାଚନ ପରିପ୍ରେକ୍ଷୀରେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ନେଇ ଆଲୋଚନା କରିଥିଲେ।


କଂଗ୍ରେସ ନେତାମାନେ ନୂତନ କର୍ମୀମାନଙ୍କୁ ସ୍ୱାଗତ କରୁଛନ୍ତି।

ସରପଞ୍ଚ ଉଦ୍ଧବ ଚରଣ ନାୟକ, ବରିଷ୍ଠ ନେତା ନାରାୟଣ ଚନ୍ଦ୍ର ମାନଧାତା, ନାରାୟଣ ଚନ୍ଦ୍ର ବାରିକ, ପଞ୍ଚାୟତ ସଭାପତି ନରହରି ନାୟକ, ପ୍ରଶାନ୍ତ ମଲିକ, ମାନସ ପାତ୍ର, ଦିଲୀପ ବିଶ୍ୱାଳ, ଭାସ୍କର ନାଥ, ଦନେଇ ସାହୁ, ଗଙ୍ଗାଧର ପତି, ରାଧାକାନ୍ତ ନାୟକ, ପିଣ୍ଟୁ ସାମଲ, ରଞ୍ଜନ ପଣ୍ଡା, ମଣ୍ଟୁ ନାୟକ, ପୂର୍ଣ୍ଣଚନ୍ଦ୍ର ମଲିକ, ରବୀନ୍ଦ୍ର ଖଟୁଆ, ଜଗନ୍ନାଥ ମଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଭାଜପା ଓ ବିଜେଡି କର୍ମୀ କଂଗ୍ରେସରେ ସାମିଲ ହୋଇଛନ୍ତି। ଦଳୀୟ ପ୍ରାର୍ଥୀ ରଞ୍ଜନ ସେମାନଙ୍କୁ ସ୍ୱାଗତ କରିଥିଲେ।

# ୨ ୱାର୍ଡସଭ୍ୟଙ୍କ ସହ ୮ ପରିବାର ବିଜେଡିରେ ସାମିଲ

ତିହିଡ଼ି,୨୩।୪ (ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତର ୨ଜଣ ୱାର୍ଡସଦସ୍ୟ ଏବଂ ଶ୍ୟାମସୁନ୍ଦରପୁର ପଞ୍ଚାୟତର ୮ ପରିବାର ବିଜେଡିରେ ସାମିଲ ହୋଇଛନ୍ତି। ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ବାସୁଦେବପୁରସ୍ଥିତ ବାସଭବନରେ ମଙ୍ଗଳପୁର ପଞ୍ଚାୟତର ୩ନଂ. ୱାର୍ଡସଭ୍ୟ ଗଣେଶ ଚନ୍ଦ୍ର ପରିଡ଼ା ଓ ୫ନଂ. ୱାର୍ଡସଭ୍ୟ ମଧୁସୂଦନ ମଲିକ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି। ବିଧାୟକ ରାଉତରାୟଙ୍କ ପ୍ରତି ଆସ୍ଥା ପ୍ରକଟ କରି ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା ଓ ବିଜେଡି ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ଲେଙ୍କାଙ୍କ ନେତୃତ୍ୱରେ ବିଜେଡିରେ ସାମିଲ ହୋଇଥିବା ସେମାନେ ପ୍ରକାଶ କରିଛନ୍ତି। ବିଧାୟକ ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବରିଷ୍ଠ ନେତା ଦୁର୍ଗାଦତ୍ତ ରାଉତରାୟ, ବିଧାୟକଙ୍କ ପ୍ରିତିନିଧି ବାପୁଜୀ ନାୟକ, ଅକ୍ଷୟ ଦାସ, ବିପିନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ପରମେଶ୍ୱର ବାରିକ, ଗିରିଧାରୀ ବାରିକ, ହରିହର ବାରିକ, ବିଜୟ କୁମାର ବାରିକ, ସୁକାନ୍ତ କୁମାର ବାରିକ, କୁଳମଣି ନାୟକ, ନିରଞ୍ଜନ ନାୟକ ଓ ଭାଗୀରଥି ବାରିକ ପଞ୍ଚାୟତ ସଭାପତି ଭୀମସେନ ବାରିକଙ୍କ ନେତୃତ୍ୱରେ ଅନ୍ୟ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ଧାମନଗର ବିଧାୟକ ପ୍ରାର୍ଥୀ ଡା. ସଞ୍ଜୟ କୁମାର ଦାସ ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଉମେଶ ମହାନ୍ତି, ଶଙ୍କର୍ଷଣ ଦାସ, ସୁଧାକର ବେହେରା, ଭାସ୍କର ପରିଡ଼ା, ପ୍ରଦୀପ ପରିଡ଼ା, କରୁଣାକର କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍ୟ ଅଭିଯୁକ୍ତଙ୍କୁ ଗିରଫରେ ବିଳମ୍ବ ନେଇ ପ୍ରତିବାଦ

## ଛାତ୍ରୀଙ୍କୁ ଅସଦାଚରଣ ଘଟଣା

ଚାନ୍ଦବାଲି,୨୩।୪ (କିଷାନ ପାତ୍ର)

ଚାନ୍ଦବାଲି ଏନ୍‌ଏସି ଅଧୀନ ରାମପଲ୍ଲୀରେ ଜଣେ କଲେଜ ଛାତ୍ରୀଙ୍କୁ ଅସଦାଚରଣ ଘଟଣାରେ ୨ ଯୁବକଙ୍କୁ ପୋଲିସ ଗିରଫ କରିଛି। ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଳମ୍ବ ନେଇ ଅଭିଯୋଗକାରିଣୀ ଛାତ୍ରୀଙ୍କ ମା' ସୋମବାର ସନ୍ଧ୍ୟାରେ ଚାନ୍ଦବାଲି ଥାନା ଆଗରେ ପ୍ରତିବାଦ କରିଥିଲେ। ଅନ୍ୟପକ୍ଷେ ଅଭିଯୋଗକାରିଣୀଙ୍କ ସହଯୋଗୀଙ୍କ ଘରକୁ ମଧ୍ୟ ଅଭିଯୁକ୍ତମାନେ ଭାଙ୍ଗି ଦେଇଥିବା ଥାନାରେ ଅଭିଯୋଗ କରାଯାଇଛି। ହେଲେ ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେବାରୁ ଅଭିଯୋଗକାରିଣୀଙ୍କ ସହଯୋଗୀ ଥାନା ଆଗରେ ପେଟ୍ରୋଲ ଧରି ଆତ୍ମହତ୍ୟା ଚେତାବନୀ ଦେଇଥିଲେ। ଏନେଇ ଥାନାଧିକାରୀ ପଞ୍ଚାନନ ମହାନ୍ତି କହିଛନ୍ତି, ଏତଲା ଆଧାରରେ ତଦନ୍ତ କରି ଦୁଇଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ।

# କର୍ମୀଙ୍କୁ ଗୁରୁମନ୍ତ୍ର ଦେଉଛନ୍ତି ସଞ୍ଜୀବ

ବନ୍ତ,୨୩।୪(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ରରେ ବିଜେଡି ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କୁ ପ୍ରାର୍ଥୀ କରିଛି। ଏହି ବିଧାନସଭା କ୍ଷେତ୍ର ସଞ୍ଜୀବଙ୍କ ପାଇଁ ନୂଆ ହୋଇଥିବାରୁ ସେ ପ୍ରଥମେ ଭଦ୍ରକଠାରେ ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକର ସମସ୍ତ ପଞ୍ଚାୟତ ସ୍ତରୀୟ ଛାମୁଆ ନେତା ଓ କର୍ମୀମାନଙ୍କୁ ନେଇ ବୈଠକ କରିଥିଲେ। ପରେ ସେ ଦୁଇ ବ୍ଲକରେ ପୃଥକ୍ ଭାବେ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ କରି କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେବାରେ ଲାଗିଛନ୍ତି। ବନ୍ତ ବ୍ଲକରେ ଚଳିତମାସ ୧୮ ତାରିଖଠାରୁ ମେ ୧୦ ପର୍ଯ୍ୟନ୍ତ ଦିନେ ଛାଡ଼ି ଦିନେ କର୍ମୀ ସମ୍ମିଳନୀ ନେଇ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଛି। ଗୋଟିଏ ଦିନରେ ଦୁଇଟି ପଞ୍ଚାୟତ ରଖାଯାଇଛି। ସେହିପରି ଭଣ୍ଡାରିପୋଖରୀ ବ୍ଲକରେ କାର୍ଯ୍ୟସୂଚୀ ଅନୁଯାୟୀ କର୍ମୀ ସମ୍ମିଳନୀ ଜାରି ରହିଛି। ଏଠାରେ ଦଳର ସାଙ୍ଗଠନିକ ସ୍ଥିତିକୁ ନିଜେ ପରିଖିବା ସହ ଆସନ୍ତା ନିର୍ବାଚନ ବୈତରଣୀ କିପରି ପାର୍ ହେବାକୁ ପଡ଼ିବ, ସେନେଇ ସମସ୍ତ କର୍ମୀଙ୍କ ସହ ସିଧାସଳଖ ଆଲୋଚନା କରୁଛନ୍ତି।

ଅପରପକ୍ଷେ ସଞ୍ଜୀବ ଏହି ବିଧାନସଭା କ୍ଷେତ୍ରରେ ପାଦ ଦେବା ପରେ ବିଜେଡିର ବହୁ ଅସନ୍ତୁଷ୍ଟ ଗୋଷ୍ଠୀଙ୍କୁ ମନାଇବାରେ ସଫଳ ହୋଇଛନ୍ତି। ସେହିପରି ତାଙ୍କ ପ୍ରଚେଷ୍ଟାରେ ବହୁ ପଞ୍ଚାୟତ ସ୍ତରୀୟ ନେତା ଓ କର୍ମୀ ଅନ୍ୟ ଦଳ ଛାଡ଼ି ବିଜେଡିରେ ଯୋଗ ଦେଉଥିବା ଦେଖାଯାଇଛି। ୨ ଦିନ ତଳେ ବନ୍ତ ବ୍ଲକର ବସନ୍ତିଆ, କ୍ଷେଣ୍ଟତୀରା ପଞ୍ଚାୟତରେ ବହୁ ବରିଷ୍ଠ ନେତା ଓ କର୍ମୀ ଅନ୍ୟ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ସଞ୍ଜୀବ ନୂତନ କର୍ମୀମାନଙ୍କୁ ସ୍ୱାଗତ କରିଛନ୍ତି।

# ବିଜେଡିର ବାଇକ୍ ରାଲି, କର୍ମୀ ସମ୍ମିଳନୀ

ଆଗରପଡ଼ା,୨୩।୪(ସୁଶାନ୍ତ ଦାଶ)

ବନ୍ତ ବ୍ଲକର ଗୋପୀନାଥପୁର ପଞ୍ଚାୟତରେ ବିଜେଡି ପକ୍ଷରୁ ମଙ୍ଗଳବାର ବିଶାଳ ବାଇକ୍ ରାଲି ସହ କର୍ମୀ ସମ୍ମିଳନୀ କରାଯାଇଛି। ଶତାଧିକ କର୍ମୀ ଏକ ବାଇକ୍ ଶୋଭାଯାତ୍ରାରେ ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ ଓ ଭଦ୍ରକ ଲୋକ ସଭା ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳଙ୍କୁ ପାଛୋଟି ନେଇଥିଲେ। ପଞ୍ଚାୟତର କଲ୍ୟାଣ ମଣ୍ଡପ ନିକଟ ପଡ଼ିଆରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ସଞ୍ଜୀବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହ ମହିଳାମାନଙ୍କୁ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି ବୋଲି କହିଥିଲେ। ସେ ନିର୍ବାଚିତ ହେଲେ ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଇନ୍‌ଡୋର ଷ୍ଟାଡିୟମ, ରାସ୍ତାର ଉନ୍ନତୀକରଣ ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।


କର୍ମୀ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ ଓ ଅନ୍ୟମାନେ।

ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଯେନା, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଜିଲା ଉପସଭାପତି ପ୍ରଶାନ୍ତ ଦାଶ, ଜିଲା ପରିଷଦ ସଭ୍ୟା ରୁନୀତା ଦାସ, ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ, ଯୁବନେତା ସ୍ମୃତିରଞ୍ଜନ ସ୍ୱାଇଁ, ପରମେଶ୍ୱର ବାରିକ, ଟୁକ ଘଡ଼େଇ ପ୍ରମୁଖ ଯୋଗ ଦେଇଥିଲେ।

# ଭାଜପାରେ ମିଶିଲେ କଂଗ୍ରେସ ଓ ବିଜେଡିର ଶତାଧିକ କର୍ମୀ

ଭଦ୍ରକ,୨୩।୪ (ସନାତନ ରାଉତ)

ଭଦ୍ରକ କୁଆଁସସ୍ଥିତ ଭାଜପାର ବିଧାନସଭା କାର୍ଯ୍ୟାଳୟରେ ମଙ୍ଗଳବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ବିଧାନସଭା କ୍ଷେତ୍ର ଅଧୀନ ଜଗଦଳପୁର, ବାଣିତିଆ ପଞ୍ଚାୟତ ସମେତ ଭଦ୍ରକ ପୌରପାଳିକାର ୨୪ ଓ ୨୫ ନଂ. ୱାର୍ଡର ଶତାଧିକ କଂଗ୍ରେସ ଓ ବିଜେଡି କର୍ମୀ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଭାଜପାର ବିଧାୟକ ପ୍ରାର୍ଥୀ ସିତାଂଶୁ ଶେଖର ମହାପାତ୍ରଙ୍କୁ ସମର୍ଥନ କରି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଭାଜପାରେ ଯୋଗ ଦେଇଥିବା ବାଣିତିଆ ପଞ୍ଚାୟତର ଭବସିନ୍ଧୁ ପଣ୍ଡା, କାଳନ୍ଦୀ ପଣ୍ଡା, ନନ୍ଦକିଶୋର ରାଉଳ, ଶମ୍ଭୁନାଥ ସେଠୀ, ଜଗଦଳପୁର ପଞ୍ଚାୟତର ଅନନ୍ତ କିଶୋର ଦାସ, କେଶବ ବେହେରା, ପୂର୍ଣ୍ଣଚନ୍ଦ୍ର ଦାସ, ଉପେନ୍ଦ୍ର ସାନ୍ତରା ପ୍ରମୁଖ କହିଛନ୍ତି।


ମିଶ୍ରଣ ପର୍ବରେ ଭାଜପାର ବିଧାୟକ ପ୍ରାର୍ଥୀ ସିତାଂଶୁ ଶେଖର ମହାପାତ୍ରଙ୍କ ସହ ନୂତନ କର୍ମୀ।

ଭାଜପା ନେତା ଶରତ ପଢ଼ିଆରୀଙ୍କ ସଂଯୋଜନାରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ଲୋକ ସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ବିଧାୟକ ପ୍ରାର୍ଥୀ ସିତାଂଶୁ, ବରିଷ୍ଠ ନେତା ଡା. ପ୍ରଦୀପ ନାୟକ, ବିଧାନସଭା ପ୍ରଭାରୀ ଦୁର୍ଗାଚରଣ ନାୟକ, ଶ୍ରୀହର୍ଷ ସ୍ୱାଇଁ, ଅଜୟ ନାୟକ, ଅମ୍ବିକା ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାସ୍କର ସାହୁ, ମହିଳା ନେତ୍ରୀ ରଞ୍ଜିତା ସ୍ୱାଇଁ, କଳ୍ପନା ଜେନା, ଶ୍ରାବଣୀ କିନ୍ନର ପ୍ରମୁଖ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ବିଷୟରେ ସେମାନେ ଆଲୋକପାତ କରିବା ସହ ଏଥର ଭଦ୍ରକ ସମେତ ଓଡ଼ିଶାରେ ପରିବର୍ତ୍ତନ ହେବ ବୋଲି କହିଥିଲେ।

**ଛେଳି ଚୋରି କରି ଫେରାର ହେଉଥିଲେ, ଧରିଲା ପୋଲିସ**

ଯୋଡ଼ା,(ମାନସ ମହାନ୍ତି): ଯୋଡ଼ା ଥାନା ଅଧୀନ କମାରଯୋଡ଼ା ଅଞ୍ଚଳରୁ ଭାରତୀ ମହାନ୍ତଙ୍କ ଛେଳି ଚୋରି କରି ବୋଲେରୋରେ ଫେରାର ହେଉଥିବା ବେଳେ ୩ ଯୁବକଙ୍କୁ ପୋଲିସ ଚମ୍ପୁଆରୁ ଧରିଛି। ସେମାନେ ହେଲେ ସୟାବାଲି ଅଞ୍ଚଳର ସାଜନ ବାରିକ, କମୋଡ଼ ଅଞ୍ଚଳର ହରିହର ଘଣା ଓ ଚମ୍ପୁଆ ଫଗୁ ଅଞ୍ଚଳର ଶରତ ରଞ୍ଜନ ଗିରି। ପୋଲିସ ୩ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୩ଟି ମୋବାଇଲ ଫୋନ ଓ ବୋଲେରୋ ଜବତ କରିଛି।

# ଛାଇ ପାଇଁ ଖୋଜାପଡୁଛି ଆମ୍ବତୋଟା

କେନ୍ଦୁଝର,୨୩।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ତାତି ୪୩ ଡିଗ୍ରୀ ଟପିବାକୁ ବସିଥିବା ବେଳେ ଗାଁଠାରୁ ସହରର ଲୋକେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଲୋକେ ଘରୁ ପଦାକୁ ବାହାରି ପାରୁନାହାନ୍ତି। ରାସ୍ତାଘାଟ, ବାଡ଼ିବଗିଚାରେ ଆଗ ଭଳି ଗଛ ନାହିଁ। ଏଣୁ ଛାଇ ଟିକେ ପାଇଁ ଲୋକେ ବହୁ ଅସୁବିଧା ଭୋଗୁଛନ୍ତି। ସେହିପରି ଜଙ୍ଗଲ ପଦାହୋଇଯାଇଥିବାରୁ ପଶୁପକ୍ଷୀ ବାସହରା ହୋଇପଡୁଛନ୍ତି। ପାରଦ ବଢ଼ି ଚାଲିଥିବାରୁ ମନେପଡୁଛି ଗଛର ଉପକାରିତା କଥା। ବିଶେଷକରି ଗ୍ରାମାଞ୍ଚଳର ଲୋକେ ଖୋଜୁଛନ୍ତି ଆମ୍ବତୋଟାର ଛାଇ। ନିର୍ବାଚନ ପାଇଁ ମଧ୍ୟ ସଭାସମିତିଆୟୋଜନଲାଗିନେତାମାନଙ୍କ ପ୍ରଥମ ପସନ୍ଦ ହେଉଛି ଆମ୍ବତୋଟା। କାରଣ କମ୍ ଖର୍ଚ୍ଚରେ ପ୍ରାକୃତିକ ପରିବେଶରେ ଏବଂ ଶୀତଳ ଛାଇରେ ବସି ସଭା ସମିତି ଆୟୋଜନ କରିହେବ।

ସୂଚନାଯୋଗ୍ୟ, ଏକଦା ପ୍ରାୟ କେନ୍ଦୁଝର ଜିଲାର ପ୍ରତ୍ୟେକ ଗ୍ରାମରେ ଆମ୍ବତୋଟା ବା ଆମ୍ବଗଛର ବାଗାନ ଥିଲା। ବଡ଼ ବଡ଼ ଆମ୍ବ ଗଛ ଏହି ତୋଟାରେ ଥିଲା। ଖରାଦିନେ ଲୋକେ ଘରୁ ପଦାକୁ ଆସି ଏହି ଆମ୍ବତୋଟା ତଳେ ଆଶ୍ରୟ ନେଉଥିଲେ। ଗଛ ତଳେ ଛାଇରେ ଖଟିଆ ପକାଇ କିମ୍ବା ଭୂଇଁ ଉପରେ ମସିଣା ପକାଇ ବିଶ୍ରାମ ନେଉଥିଲେ। ଛାଇ ସାଙ୍ଗକୁ ଶୀତଳ ପବନର ଆନନ୍ଦ ନେଇ ଲୋକେ ଅପରାହ୍ଣ କଟାଇଥାନ୍ତି। ପିଲାମାନେ ଖେଳାବୁଲା କରିଥାନ୍ତି। ସେହିପରି ଆମ୍ବ ପାଚିଲେ ଖାଇଥାନ୍ତି। ଏହି ଆମ୍ବତୋଟାରେ ରଜରେ ଦୋଳି ଖେଳ ଓ ଅନ୍ୟାନ୍ୟ ଗ୍ରାମର ଉତ୍ସବ, ମେଳା ମଧ୍ୟ ବସୁଥିଲା। ସେହିପରି ଖରାଦିନରେ ସଭାସମିତି ଆୟୋଜନ ହେଉଥିଲା।


ଚମ୍ପୁଆ ବ୍ଲକ୍ ଅଧୀନ ଟାଙ୍ଗର ବନ୍ତଲା ଗ୍ରାମ ଆମ୍ବତୋଟାରେ ଚାଲିଥିବା ସଭା।

- ପୁନରୁଦ୍ଧାର ଦାବି
- ନିର୍ବାଚନ ସମୟରେ ସଭା ବସୁଛି

ତେବେ ପୁରୁଣା ଗଛ ସାଙ୍ଗକୁ ଆମ୍ବତୋଟା ବିଭିନ୍ନ କାରଣରୁ ଲୋପ ପାଇବାକୁ ବସିଲାଣି । ଘରବାଡ଼ି, ରାସ୍ତାଘାଟ ନିର୍ମାଣ କିମ୍ବା କାଠ ପାଇଁ ପୁରୁଣା ଗଛ ସବୁ କାଟି ଦିଆଯାଉଛି। ସେହିପରି ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ମଧ୍ୟ ଅନେକ ଗଛ ଉପୁଡ଼ିପଡ଼ିଥିବା ବେଳେ ବହୁ ପୁରୁଣା ହୋଇ ଶୁଖି ନଷ୍ଟ ହୋଇଯାଉଛି। କିନ୍ତୁ ଏହା ବଦଳରେ ଆଉ ସେଭଳି ବଡ଼ ଗଛ ଲଗାଯାଉ ନାହିଁ। ଆଜିକାଲି କଲମୀ ଆମ୍ବ ଗଛ ଯୋଗୁ ପାରମ୍ପରିକ ଆମ୍ବଗଛ ଧୀରେ ଧୀରେ ଲୋପ ପାଇବାକୁ ବସିଛି। କଲମୀ ଆମ୍ବଗଛ ଛୋଟ ହୋଇଥାଏ । ଏଣୁ ସେଭଳି ଛାଇ ମିଳିବ ନାହିଁ କିମ୍ବା ଚଢ଼େଇ ବାସ ମଧ୍ୟ କରନ୍ତି ନାହିଁ। ଏବେ ନିର୍ବାଚନ ଆସିଥିବାରୁ ଏଭଳି ଗରମରେ ସଭାସମିତି ପାଇଁ ନେତାମାନେ ଖୋଜୁଛନ୍ତି ଛାଇ। ତେବେ ଗ୍ରାମରେ ଯେଉଁଠି ପୁରୁଣା ଆମ୍ବ ତୋଟା ରହିଛି ସେଠାରେ ସଭାସମିତି କରାଯାଉଛି। ସେତେବେଳେ ଅନେକେ ମନେ ପକାଉଛନ୍ତି ଆମ୍ବତୋଟାର ଆବଶ୍ୟକତା। ଏଣୁ ପୁଣି ଥରେ ପାର୍କ ବଦଳରେ ଆମ୍ବ ତୋଟା ନିର୍ମାଣ ବା ପୁରୁଣା ଆମ୍ବତୋଟାର ପୁନରୁଦ୍ଧାର କରିବାକୁ ଅନେକ ଦାବି କରୁଛନ୍ତି। ଏହାଦ୍ୱାରା ପରିବେଶ ସୁରକ୍ଷିତ ରହିବା ସହ ଛାଇ ମିଳିବ ଓ ତାପମାତ୍ରା ନିୟନ୍ତ୍ରଣ କରାଯାଇପାରିବ ବୋଲି ଅନେକେ ମତବ୍ୟକ୍ତ କରୁଛନ୍ତି।

ଆମ୍ବତୋଟା ସହ ଲୋକଙ୍କ ଆନ୍ତରିକତା ବହୁ ଆଗରୁ ରହିଛି। ବର୍ତ୍ତମାନ ଭିଡ଼ ସମୟରେ ଏଭଳି ସ୍ଥାନରେ ସଭା ସମିତି କରିବା ସୁବିଧାଜନକ ହୋଇଥାଏ ଓ ଗ୍ରାମର ଲୋକେ ସମବେତ ହୋଇଥାନ୍ତି ବୋଲି ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଅଖିଳ ନାୟକ କହିଛନ୍ତି। ବରିଷ୍ଠ ନାଗରିକ ଫକୀର ଚନ୍ଦ୍ର ମିଶ୍ର କୁହନ୍ତି, କାଁ ଭାଁ କେତେକ ଗ୍ରାମରେ ସେହି ପୁରୁଣା ଗଛର ତୋଟା ରହିଛି। ଏବେ ଗଛ ସଂଖ୍ୟା କମିଗଲାଣି, କିନ୍ତୁ ଗଛ ଲଗାଇ ପୁନରୁଦ୍ଧାର କରାଯାଉ ନାହିଁ। ଫଳରେ ଖରାଦିନ ଆସିଲେ ଆମ୍ବତୋଟାର ଆବଶ୍ୟକତା ମନେପଡୁଛି।

# ନିର୍ବାଚନ ପୂର୍ବରୁ ସମାଧାନ ନ ହେଲେ ଭୋଟ ବର୍ଜନ


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ସାନଯୋଡ଼ା ଗ୍ରାମର ଲୋକେ।

କେନ୍ଦୁଝର, ୨୩।୪ (ଦୀପକ ମିଶ୍ର)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅଧୀନ କୁଟୁଗାଁ ପଞ୍ଚାୟତର ସାନଯୋଡ଼ା ଗ୍ରାମବାସୀ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ସେମାନେ ଜିଲାପାଳଙ୍କୁ ଭେଟି ଏନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ସମସ୍ୟାର ସମାଧାନ ନ ହେଲେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, ବାରମ୍ବାର ବ୍ଲକ ଓ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ ଅଦ୍ୟାବଧି ସାନଯୋଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ କିମ୍ବା ସାନଯୋଡ଼ା ଯଜ୍ଞ ମଣ୍ଡପଠାରୁ ଗୋପାଳ ସାହି ପ୍ରଭାକର ଆରୁଖ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ଏବଂ କେନାଲ ନିର୍ମାଣ ହୋଇପାରି ନାହିଁ। କେବଳ ପ୍ରଶାସନିକ ସ୍ତରରେ ପ୍ରତିଶ୍ରୁତିରେ ଅଟକି ରହିଛି। ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ ସେମାନଙ୍କ ଅଭିଯୋଗ ପ୍ରତି ଗୁରୁତ୍ୱ ଦିଆଯାଉନି କିମ୍ବା କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏଣୁ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଏହାର ପ୍ରତିକାର କରା ନ ଗଲେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

**ସାନଯୋଡ଼ା ଗ୍ରାମବାସୀଙ୍କ ଚେତାବନୀ**

# ଖୁଣ୍ଟପାଣି, ହାତିବାରୀ, ଚେମେଣା ବନାଞ୍ଚଳରେ ନିଆଁ



ଯୋଡା(ମାନସ ମହାନ୍ତି)/
ପାଟଣା(ବୀର କିଶୋର ଦାଶ), ୨୩।୪

କେନ୍ଦୁଝର ଜିଲା ଯୋଡା ସେକ୍ସନର ଖୁଣ୍ଟପାଣି ଓ ଝରଣା ବନାଞ୍ଚଳରେ ନିଆଁ ଲାଗିଛି। ଏହି ନିଆଁରେ ଏକର ଏକର ଜଙ୍ଗଲ ଜମିରେ ଥିବା ଗଛ କିଛିକାଂଶରେ ପୋଡ଼ିଯାଇଛି। ତେବେ ଯୋଡା ବନପାଳ ତ୍ରିନାଥ ଜେନା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରି ଲିଭାଇଥିବା କହିଛନ୍ତି। ସେ କହିଛନ୍ତି ଯେ, ମହୁଲ ଗୋଟାଇବା ପାଇଁ ଯାଉଥିବା ଏବଂ ଶିକାର କରିବାକୁ ଯାଉଥିବା ଲୋକ ଜଙ୍ଗଲରେ ଏହି ଅଗ୍ନିକାଣ୍ଡ ଘଟାଉଛନ୍ତି, ଅକ୍ଳାନ୍ତ ପରିଶ୍ରମ କରି ଏହି ନିଆଁକୁ ଆୟତ୍ତ କରାଯାଇଛି। ପରିବେଶବିତ୍ ନୀଳାଦ୍ରି ମିଶ୍ର କହିଛନ୍ତି ଯେ, ଜଙ୍ଗଲରେ ନିଆଁ ଲାଗିବାରୁ ଅଞ୍ଚଳରେ ଉତ୍ତାପ ବୃଦ୍ଧି ପାଉଛି। ଏ କ୍ଷେତ୍ରରେ ବନାଞ୍ଚଳରେ କାର୍ଯ୍ୟ କରୁଥିବା ଖଣି କମ୍ପାନୀମାନେ ମଧ୍ୟ ସ୍ୱେଚ୍ଛାକୃତ ଭାବେ ଅଂଶଗ୍ରହଣ କରି ଅଗ୍ନି ନିର୍ବାପନରେ ସାହାଯ୍ୟ କରିବା ଉଚିତ୍।

ମଙ୍ଗଳବାର ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ହାତିବାରୀ ଏବଂ ୪୯ ନମ୍ବର ଜାତୀୟ ରାଜପଥର ଚେମେଣା ଗ୍ରାମ୍ୟ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟି ବହୁ ମୂଲ୍ୟବାନ ଗଛ ପୋଡି ନଷ୍ଟ ହୋଇଛି। ଏନେଇ ଗ୍ରାମବାସୀ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ପାଟଣା ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ଶହ ଶହ ପଟାସ ଓ କାଜୁ ଗଛ ଜଳିପୋଡି ନଷ୍ଟ ହୋଇଯାଇଛି। ସେହିଭଳି ଅପରାହ୍ଣରେ ୪୯ ନମ୍ବର ଜାତୀୟ ରାଜପଥ ଚେମେଣା ରାସ୍ତାକଡ଼ ପେଟ୍ରୋଲ ପମ୍ପ ପାଖରେ ଥିବା ଗ୍ରାମ୍ୟ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟି ଶହ ଶହ ଗଛ ନଷ୍ଟ ହୋଇଛି। ଅଗ୍ନିଶମବାହିନୀ ପହଞ୍ଚି ଦୀର୍ଘ ଘଣ୍ଟା ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଛନ୍ତି। ନିଆଁ ଲାଗିବା କାରଣ ଅସ୍ପଷ୍ଟ ରହିଥିବା ବେଳେ କେହି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇଦେଇଥିବା ସନ୍ଦେହ କରାଯାଉଛି। ଅନ୍ୟପଟେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ବନବିଭାଗ ତରଫରୁ ଅଜସ୍ର ବ୍ୟୟବରାଦ ହେଉଥିବା ବେଳେ କାର୍ଯ୍ୟକ୍ଷେତ୍ରରେ ଶୂନ ପରିଲକ୍ଷିତ ହେଉଥିବାରୁ ପରିବେଶବିତ୍‌ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକେ ନିଆଁ ଲାଗିବା ପରେ ବନ କର୍ମଚାରୀଙ୍କୁ ଖବର ଦେଉଥିଲେ ହେଁ ବନ କର୍ମଚାରୀମାନେ ନିଆଁ ଲିଭାଇବାକୁ ଆସୁ ନ ଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

# ଇନ୍‌ଡୋର ଷ୍ଟାଡିୟମ କାନ୍ଥ ଫାଟିଲା

**ଉଦ୍‌ଘାଟନକୁ ୨ ମାସ ପୂରିନି**

ଯୋଡ଼ା,୨୩।୪(ମାନସ ମହାନ୍ତି)

ଉଦ୍‌ଘାଟନର ୨ ମାସ ନ ପୂରୁଣୁ କେନ୍ଦୁଝର ଜିଲା ଯୋଡ଼ାଠାରେ ନବ ନିର୍ମିତ ବହୁମୁଖି ଇନଡୋର ଷ୍ଟାଡିୟମ ଉଦ୍‌ଘାଟନର ୨ ମାସ ନ ପୂରୁଣୁ ଷ୍ଟାଡିୟମ ର କାନ୍ଥ ଫାଟି ଆଁ ଏବଂ ବିମ ରୁ ସିମେଣ୍ଟ ଅତଡା ଖସୁଛି। ଘଟଣାସ୍ଥଳକୁ ଯାଇ ଅଧିକ ତଥ୍ୟ ସଂଗ୍ରହ କଲା ବେଳେ ଯୁବତୀ ଏବଂ ଯୁବକ ଖେଳାଳିମାନେ କହିଥିଲେ ଯେ,ଗତ ୭ଦିନରୁ ଅଧିକ ବିତି ଯାଇଥିଲେ ହେଁ ଷ୍ଟାଡିୟମରେ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ଶୌଚାଳୟରେ ପାଣି ନାହିଁ। ସମ୍ମୁଖରେ ଥିବା ଘାସ ଗାଲିଚା, ବଗିଚାରେ ଥିବା ଗଛ ପତ୍ର ଜଳାଭାବରୁ ଶୁଖି ଗଲାଣି। ଷ୍ଟାଡିୟମକୁ ଯାଉଥିବା ବିଭିନ୍ନ ବର୍ଗର ଖେଳାଳିମାନେ ପାନୀୟ ଜଳ ପାଇ ପାରୁ ନାହାଁନ୍ତି ମହିଳା ଜିମ୍ ପ୍ରକୋଷ୍ଠରେ ଥିବା କଂକ୍ରିଟ ବିମ୍‌ରୁ ସିମେଣ୍ଟ ଝଡ଼ି ବଜୁରି ଦେଖା ଯାଉଛି। ପୁରୁଷ ଜିମ୍ ପ୍ରକୋଷ୍ଠରେ ମଧ୍ୟ କାନ୍ଥ ଫାଟି କ୍ରାକ ହୋଇଯାଇଛି। ଏ ସମ୍ପର୍କରେ ପିଡବ୍ଲୁଡି ଯୋଡ଼ା ଅଧିକାରୀ ରାମଦାସ ମାରାଣ୍ଡିଙ୍କୁ ପଚାରିବାରୁ ମୋଟର ପମ୍ପ ମରାମତି ପାଇଁ ଯାଇଛି। ଭାଙ୍ଗି ଯାଇଥିବା ସ୍ଥାନଗୁଡ଼ିକୁ ଶୀଘ୍ର ମରାମତି କରାଯିବ ବୋଲି କହିଥିଲେ। ମାତ୍ର ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ସେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରି ନ ଥିଲେ ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୧୩ ତାରିଖରେ ଭର୍ଚୁଆଲ ମାଧ୍ୟମରେ ଏହି ଷ୍ଟାଡିୟମ ଉଦ୍‌ଘାଟନ ହୋଇଥିଲା। ବ୍ୟୟ ଅଟକଳ ପ୍ରାୟ ୮କୋଟି ଟଙ୍କା ଥିଲା ବୋଲି ସୂଚନା ମିଳିଛି ।


ନବ ନିର୍ମିତ ଇନଡୋର ଷ୍ଟାଡିୟମ।


କାନ୍ଥରେ ହୋଇଥିବା ଫାଟ।

# ବିଜୟ ସଂକଳ୍ପ ସମାବେଶ

କେନ୍ଦୁଝର,୨୩।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

ପାଟଣା ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଚମ୍ପୁଆ ବ୍ଲକର ଟାଙ୍ଗରବନ୍ତଲା ଆମ୍ବତୋଟା(ବାଗାନ)ରେ ଭାଜପା ପ୍ରାର୍ଥୀ ଅଖିଳ ନାୟକଙ୍କ ଗ୍ରାମରେ ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଞ୍ଚାୟତର ବହୁ ଲୋକ ଏହି ସମାବେଶରେ ସାମିଲ ହୋଇଥିଲେ। ମୋଦିଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମ ଓ ସଂକଳ୍ପକୁ ଉଜାଗର କରିବା ସହ କ୍ଷମତାକୁ ଆସିଲେ ଅଞ୍ଚଳର ବହୁବିଧ ବିକାଶ କରିବେ ବୋଲି ସେ କହିଥିଲେ। ବରିଷ୍ଠ ନେତା ବିରଜା ମିଶ୍ର, ରାଧାକାନ୍ତ ମହାନ୍ତ, ସୁବ୍ରତ ମହାନ୍ତି, କମଳାକାନ୍ତ ଦାଶ ପ୍ରମୁଖ ଯୋଗଦେଇ ମୋଦି ସରକାରଙ୍କ ଉପଲବ୍ଧି ଓ ଗ୍ୟାରେଣ୍ଟି ବିଷୟରେ କହିଥିଲେ। ଏହି ଅବସରରେ ଧିରେ ଧିରେ ଲୋପ ପାଇ ଯାଉଥିବା ଗ୍ରାମାଞ୍ଚଳର ଆମ୍ବତୋଟା ଛାଇର ଶୀତଳ ପରିବେଶ ଓ ବାଗାନର ସୁରକ୍ଷା ବାର୍ତ୍ତା ସମାବେଶରେ ସାମିଲ ଲୋକଙ୍କୁ ଦିଆଯାଇଥିଲା।

# ଲିଙ୍କ୍ ଫେଲ୍, ଉପଭୋକ୍ତା ହୀନସ୍ତା




ଚମ୍ପୁଆ, ୨୩।୪ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଉପଡାକଘର ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। କର୍ମଚାରୀ ଅଭାବ ସାଙ୍ଗକୁ ବାରମ୍ବାର ଲିଙ୍କ୍ ଫେଲ୍ ଯୋଗୁ ଉପଭୋକ୍ତାମାନେ ହୀନସ୍ତା ହେଉଛନ୍ତି। ଏହି ଉପ ଡାକଘର ଅଧୀନରେ ପ୍ରାୟ ୧୦ ଗ୍ରାମୀଣ ଡାକଘର ରହିଛି। ଏହାସହ ଝାଡ଼ଖଣ୍ଡ ଓ ମୟୂରଭଞ୍ଜ ଅଞ୍ଚଳର ଉପଭୋକ୍ତାମାନେ ମଧ୍ୟ ଏହି ଉପଡାକଘର ଉପରେ ନିର୍ଭର କରୁଛନ୍ତି। ବିଶେଷକରି ଅର୍ଥ ନେଣଦେଣ, ସ୍ପିଡପୋଷ୍ଟ, ରେଜେଷ୍ଟ୍ରି, ପାର୍ସଲ୍, ପିଏଲ୍ଆଇ, ଆର୍‌ପିଏଲ୍ଆଇ ଆଦି ଅତି ଗୁରୁତ୍ୱପୂର୍ଣ୍ଣ ସେବା ଏହି କାର୍ଯ୍ୟାଳୟ ଯୋଗାଇଥାଏ। ମାତ୍ର ଗତ ଶୁକ୍ରବାରଠାରୁ ଲିଙ୍କ୍ ଫେଲ୍ ହୋଇଛି ବୋଲି କର୍ମଚାରୀମାନେ ଉପଭୋକ୍ତାମାନଙ୍କୁ ସୂଚନା ଦେଉଥିବା ବେଳେ ଦୂରଦୂରାନ୍ତରୁ ଆସୁଥିବା ଉପଭୋକ୍ତା ସେବା ନ ପାଇ ହଇରାଣ ହେଉଛନ୍ତି। ଫଳରେ ଡାକସେବା ଏକପ୍ରକାର ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଜରୁରୀ କାର୍ଯ୍ୟ ଠପ୍ ହୋଇଛି।

ଏହି ଉପଡାକଘରର ସମସ୍ୟା ନୀତିଦିନିଆ ଘଟଣା। ଏନେଇ ବିଭାଗୀୟ ଉଦାସୀନତାକୁ ଉପଭୋକ୍ତାମାନେ ଦାୟୀ କରିଛନ୍ତି। ଏନେଇ ପୋଷ୍ଟ ମାଷ୍ଟର ରତ୍ନାକର ନାଏକ କହିଛନ୍ତି, ଲିଙ୍କ୍ ଫେଲ୍ ଯୋଗୁ ସେବା ଯୋଗାଇ ହେଉନାହିଁ। ଜିଲା କାର୍ଯ୍ୟାଳୟକୁ ଏ ସମ୍ପର୍କରେ ଅବଗତ କରାଯାଇଛି। ଆସନ୍ତା ୨ରୁ ୩ଦିନ ମଧ୍ୟରେ ସେବା ପୂର୍ବଭଳି ଯୋଗାଇ ଦିଆଯିବ।

**ଚମ୍ପୁଆ ଉପଡାକଘର**

# ଚିକିତ୍ସା ଅବହେଳାରୁ ଡାକ୍ତରଖାନାରେ ଉତ୍ତେଜନା

ହାଟଡିହୀ(ଶୁଭକାନ୍ତ ନାୟକ/
ପାର୍ଥ ସୌରଭ ସା)/ ସୋସୋ
(ସତ୍ୟବ୍ରତ ଜେନା),୨୩।୪

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଶାଳନିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା କ୍ଷେତ୍ରରେ ଅଧିକାଂଶ ସମୟରେ ବିଭ୍ରାଟ ଉପୁଜୁଛି । ଫଳରେ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରୁଥିବା ବେଳେ ନାନା ଅଶାନ୍ତି ମଧ୍ୟ ସୃଷ୍ଟି ହେଉଛି। ମଙ୍ଗଳବାର ଅପରାହ୍ଣରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚିକିତ୍ସାରେ ଅବହେଳା ଅଭିଯୋଗ ନେଇ ଅସନ୍ତୋଷ ଏବଂ ଉତ୍ତେଜନା ପ୍ରକାଶ ପାଇଥିଲା। ଉକ୍ତ ଲୋକେ

ସୂଚନା ଅନଯାୟୀ, ସ୍ୱାସ୍ଥ୍ୟକେନ୍ଦ୍ର ନିକଟସ୍ଥ ସୋଲପଟା ଗ୍ରାମର ନରହରି ବାରିକଙ୍କ ପୁଅ ଗୌତମ(୩୯) ଏକ କାର୍ଯ୍ୟ ସାରି ଘରକୁ ଫେରୁଥିବା ବେଳେ ଗାଁ ମଝି ରାସ୍ତା ଉପରେ ଚେତାଶୂନ୍ୟ ହୋଇ ପଡ଼ି ଯାଇଥିଲେ। ଗ୍ରାମବାସୀ ତାଙ୍କୁ ଚିକିତ୍ସା ପାଇଁ ଶାଳନିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ରରେ କେବଳ ୩ରୁ ୪ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ଉପସ୍ଥିତ ଥିଲେ। ରୋଗୀଙ୍କୁ କେଉଁ ୱାର୍ଡକୁ ନେଇ ଚିକିତ୍ସା କରାଯିବ କୌଣସି କର୍ମଚାରୀ କହି ପାରି ନ ଥିଲେ। ଫଳରେ ରୋଗୀ ଜଣକୁ ଧରି ଗ୍ରାମବାସୀ ଦୀର୍ଘ ସମୟ ଖରାରେ ବାହାରେ ଠିଆ ହୋଇଥିଲେ। ଏ ନେଇ ଗ୍ରାମବାସୀ ହୋହଲ୍ଲା କରିବା ସହ ଅସନ୍ତୋଷ ଏବଂ ଉତ୍ତେଜନା ପ୍ରକାଶ ପାଇଥିଲା। ଦୀର୍ଘ ସମୟ ପରେ ଡାକ୍ତର ଆସିବା ସହ ରୋଗୀଙ୍କୁ ଏସି ଲାଗିଥିବା ଚିକିତ୍ସା ଗୃହକୁ ନେବାକୁ କୁହାଯାଇଥିଲା। କିନ୍ତୁ ଏସି ଗୃହରେ କେତେକ କର୍ମଚାରୀ ବିଶ୍ରାମ ନେଉଥିବାରୁ କବାଟ ବାଡେଇ ସେମାନଙ୍କୁ ଡକାଯାଇଥିଲା। ପରେ ସେମାନେ କବାଟ ଖୋଲିବା ପରେ ସେଠାରେ ରୋଗୀ ଚିକିତ୍ସା ହୋଇଥିଲା। କିନ୍ତୁ ରୋଗୀ ଜଣକର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସନ୍ଧ୍ୟାରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଚିକିତ୍ସାରେ ବିଳମ୍ବ ଏବଂ ଅବହେଳା ପାଇଁ ରୋଗୀ ଅବସ୍ଥା ଗୁରୁତର ହୋଇ ପଡ଼ିଥିଲା ବୋଲି ଗ୍ରାମବାସୀ ସରୋଜ ନାୟକ, ରଞ୍ଜନ ବାରିକ, ଚିତ୍ତରଞ୍ଜନ ନାୟକ, ଉଦୟନାଥ ସ୍ୱାଇଁ, ସୁବାସିନୀ ସ୍ୱାଇଁ, ଶ୍ରମତୀ ସ୍ୱାଇଁ, ଅଭିମନ୍ୟୁ ସ୍ୱାଇଁ, ସୋମନାଥ ମଲ୍ଲିକ, କାବୁରା ବାରିକ, ପ୍ରଫୁଲ୍ଲ ରାଉତ, ପବିତ୍ର ନାୟକ, ରମେଶ ଯେନା, ପଙ୍କଜ ନାୟକ, ସୁବାସିନୀ ଯେନା, ବଉଳଲତା ଯେନା,ଅନାଥ ଯେନା ପ୍ରମୁଖଙ୍କ ସହ ଶତାଧିକ ଗ୍ରାମବାସୀ ଏପରି ଅଭିଯୋଗ ଆଣିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ପ୍ରଭାତ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ସେ ଏକ ଜରୁରୀ କାର୍ଯ୍ୟରେ ବାହାରେ ବ୍ୟସ୍ତ ଅଛନ୍ତି ଓ ଘଟଣା ବିଷୟରେ ବୁଝିବେ ବୋଲି କହିଛନ୍ତି।

# ୨ଦିନ ହେଲା ଅନ୍ଧାରରେ ୧୧୦ପରିବାର

ହାଟଡିହୀ, ୨୩।୪ (ପାର୍ଥ ସୌରଭ ସା)

ହାଟଡିହୀ ବ୍ଲକ ବଡରମ୍ପାସ ପଞ୍ଚାୟତର ବଡରମ୍ପାସ ଗ୍ରାମରେ ଗତ ୨ଦିନ ହେବ ଟ୍ରାନ୍ସଫର୍ମର ଅଚଳ ହୋଇଯାଇଛି। ଫଳରେ ଆଜକୁ ୨ଦିନ ହେବ ଗ୍ରାମର ୧୧୦ପରିବାର ଅନ୍ଧାରରେ ରହୁଥିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ମରାମତି ପାଇଁ ଗ୍ରାମବାସୀ ବିଭାଗୀୟ କର୍ମଚାରୀଙ୍କୁ ଫୋନ କଲେ ମଧ୍ୟ ସେମାନେ ଦିନ ଗଡ଼ାଇ ଚାଲିଛନ୍ତି। ବର୍ତ୍ତମାନ ସୁଦ୍ଧା ଏହାର କୌଣସି ସମାଧାନ ହୋଇ ନ ଥିବା ବେଳେ ପ୍ରଚଣ୍ଡ ଖରା ଯୋଗୁ ଗ୍ରାମବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଖୁବ୍‌ଶୀଘ୍ର ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ ଗ୍ରାମବାସୀ ମାନେ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି।

# ଘଟଗାଁ ପୀଠରୁ ପ୍ରଚାର ଆରମ୍ଭକଲା କଂଗ୍ରେସ

କେନ୍ଦୁଝର, ୨୩।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

ସାଧାରଣ ନିର୍ବାଚନ ପାଇଁ କଂଗ୍ରେସ ମଙ୍ଗଳବାର ପ୍ରଚାର ଶୁଭାରମ୍ଭ କରିଛି। ଘଟଗାଁ ପୀଠରେ ମା’ ତାରିଣୀଙ୍କ ପୂଜାର୍ଚ୍ଚନା ପରେ କଂଗ୍ରେସ ପ୍ରାର୍ଥୀମାନେ ପ୍ରଚାର ଆରମ୍ଭ କରିଛନ୍ତି। ଜିଲା କଂଗ୍ରେସ ସଭାପତି ମୋହନ ପରିଡ଼ା, ପିସିସି ସମ୍ପାଦକ ସଂଗ୍ରାମ ଦାସ, କେନ୍ଦୁଝର ଲୋକ ସଭା ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାଏକ, ଚମ୍ପୁଆ ବିଧାୟକ ପ୍ରାର୍ଥୀ ଯଶବନ୍ତ ସିଂହ ଲାଗୁରି, ପାଟଣା ବିଧାୟକ ପ୍ରାର୍ଥୀ ହୃଷୀକେଶ ନାଏକ, କେନ୍ଦୁଝର ସଦର ବିଧାୟକ ପ୍ରାର୍ଥିନୀ ପ୍ରତିଭା ମଞ୍ଜରୀ ନାଏକ, ତେଲକୋଇ ବିଧାୟକ ପ୍ରାର୍ଥୀ ନିର୍ମଳ ଚନ୍ଦ୍ର ନାଏକ, ପୂର୍ବତନ ବିଧାୟକ ଇଂ. ସୁବର୍ଣ୍ଣ ନାଏକ, ପୂର୍ବତନ ତେଲକୋଇ ବିଧାୟକ ପ୍ରାଣବଲ୍ଲଭ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଜିଲା କଂଗ୍ରେସ ସେବାଦଳ ଅଧ୍ୟକ୍ଷ ବୀରଭଦ୍ର ମହାନ୍ତ, ଜିଲା କଂଗ୍ରେସ ସୋସିଆଲ ମିଡିଆ ଅଧ୍ୟକ୍ଷ ସୁଜଳ କୁମାର ସେଠୀ, ଘଟଗାଁ ବ୍ଲକ କଂଗ୍ରେସ ସଭାପତି ପ୍ରଭାକର ନାୟକ, ସାହାରପଡ଼ା ବ୍ଲକ କଂଗ୍ରେସ ସଭାପତି ମୁକୁନ୍ଦ ଚରଣ ମହାନ୍ତ, ଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, କଂଗ୍ରେସ ନେତା ସନ୍ତୋଷ ସାହୁ, ବିଶ୍ୱନାଥ ବେଜ, ସୁରଥ କୁମାର ସାହୁ, ମହେଶ୍ୱର ଦେବତା, କୁଳମଣି ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


ଘଟଗାଁ ତାରିଣୀ ପୀଠରେ କଂଗ୍ରେସ ପ୍ରାର୍ଥୀ ଓ ଦଳୀୟ କର୍ମକର୍ତ୍ତା।

# ଆତଙ୍କ ଖେଳାଇଛି ଗୋଠଛଡ଼ା ଦନ୍ତା

ପାଟଣା,୨୩।୪ (ବୀର କିଶୋର ଦାଶ)

- ୩ ଦିନରେ ଭାଙ୍ଗିଲାଣି ୯ ଘର
- ଝିଅ ବାହାଘର ପାଇଁ ସଞ୍ଚିଥିବା ଚାଉଳ, ଡାଲି ଖାଇଦେଲା

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ୩ ଦିନ ହେବ ଏକ ଗୋଠଛଡ଼ା ଦନ୍ତା ଆତଙ୍କ ଖେଳାଇଛି। ୩ଦିନରେ ୯ରୁ ଊର୍ଦ୍ଧ୍ୱ ଘର ଭାଙ୍ଗି ଦେଇଥିବା ବେଳେ ଧାନ, ଚାଉଳ, ଡାଲି ଖାଇ ନଷ୍ଟ କରିଦେଇଛି। ହାତୀ ଉପଦ୍ରବରେ ଲୋକେ ଅତିଷ୍ଠ ହୋଇଗଲେଣି। ସୋମବାର ବିଳମ୍ବିତ ରାତିରେ ଏହି ଦନ୍ତା ପାଟଣା ସେକ୍ସନ ମାଧପୁର ଗ୍ରାମର ଶୁଆଗ ନାଏକ ଓ ଦୈତାରି ମହାନ୍ତ, ନୂଆପଡ଼ା ଗ୍ରାମର କନକ ମହାନ୍ତ ଓ ସାହାରପଡ଼ା ସେକ୍ସନ ସିଳିପଦାର ଆଶୀର୍ବାଦ ମହାନ୍ତ ଏବଂ ଜଗନ୍ନାଥପୁର ଗ୍ରାମର ବୁଦ୍ଧଦେବ ମୁଣ୍ଡାଙ୍କ ଘର ଭାଙ୍ଗି ଦେଇଛି।

ମାଧପୁର ଗ୍ରାମ ଧଉଳି ସାହିର ଗରିବ ବିଧବା ବୃଦ୍ଧା ଶୁଆଗ ନାମଯଙ୍କ ଦେଖିବାକୁ ଯାଇଥିବା ବେଳେ ଦନ୍ତା ଆଜବେଷ୍ଟସ ଘର କାନ୍ଥ ଓ କବାଟ ଭାଙ୍ଗି ତାଙ୍କ ଝିଅ ବାହାଘର ପାଇଁ ଯୋଗାଡ଼ କରିଥିବା ୨ କୁଇଣ୍ଟାଲ ଚାଉଳ ସହ ଡାଲି ଖାଇ ନଷ୍ଟ କରିଦେଇଛି। ସୁଆଗଙ୍କ ଝିଅ ବାହାଘର ଆସନ୍ତା ୧୧ ତାରିଖରେ ହେବାକୁ ନିଷ୍ପତ୍ତି ହୋଇଛି। ଅଭାବୀ ସୁଆଗ କଷ୍ଟରେ ବାହାଘର ବରଯାତ୍ରୀଙ୍କ ଭୋଜି ପାଇଁ ସଞ୍ଚିଥିବା ଚାଉଳ ଗଣ୍ଡାକ ଦନ୍ତା ଖାଇ ଦେଇଥିବାରୁ ସେ ଏବେ ଚିନ୍ତାରେ ପଡ଼ିଛନ୍ତି। ସେହିଭଳି ନୂଆପଡ଼ା ପଧାନସାହିର ବିଧବା ବୃଦ୍ଧା କନକ ମହାନ୍ତଙ୍କ ମାଟି ଟାଇଲରେ ନିର୍ମିତ ରୋଷେଇ ଘର ଓ ଧାନ ଅମାର ଥିବା ୨ ବଖରା ଘର ଭାଙ୍ଗି ଦେଇ ଏକ ମରେଇ ଧାନ ଖାଇ ଦେଇଛି ଏହି ଦନ୍ତା। ଜଗନ୍ନାଥପୁରର ବୁଦ୍ଧଦେବଙ୍କ ମାଟି ଟାଇଲ ଘର ଓ ଶିଳିପଦାର ଆଶୀର୍ବାଦଙ୍କ କାନ୍ଥ କଣା କରି ଧାନ ଚାଉଳ ଖାଇ ଯାଇଛି। ଏବେ ଦନ୍ତା ସାହାରପଡ଼ା ସେକ୍ସନ ଭର୍ଡିଆବସା ଗାଁ ନିକଟରେ ଘୂରି ବୁଲୁଛି। ବନ ବିଭାଗ ହାତୀର ଗତିବିଧି ଉପରେ ନଜର ରଖିଛି।


ପାଟଣା ସେକ୍ସନ ମାଧପୁର ଗ୍ରାମର ଶୁଆଗ ନାଏକଙ୍କ ଘର ହାତୀ ଭାଙ୍ଗି ଦେଇଛି।

## ସଂକ୍ଷେପରେ

### ଜଳିଗଲା ନଡ଼ା, ଟିଣଛପର ଘର ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି

ଭୋଗରାଇ,୨୩।୪(ପ୍ରଦୀପ ଦାସ)

ଭୋଗରାଇ ବ୍ଲକ ଜଳସୋହରିଆ ପଞ୍ଚାୟତ ପାନମାର୍କେଟ ନିକଟ ଜଳସୋହରିଆ ଗ୍ରାମର ସବିତା ସାହୁ ଓ ଚନ୍ଦନା ସାହୁଙ୍କ ନଡ଼ା ଓ ଟିଣ ଛପର ଘରେ ମଙ୍ଗଳବାର ମଧ୍ୟାହ୍ନରେ ନିଆଁ ଲାଗି ସମ୍ପୂର୍ଣ୍ଣ ରୂପେ ପୋଡ଼ି ଛାରଖାର ହୋଇଛି। ଏହି ଦୁଇ ମହିଳା ୨ଟି ସଂଲଗ୍ନ ଘରେ ରହୁଥିଲେ। ଚନ୍ଦନା ସାହୁ ତାଙ୍କ ବାପଘରକୁ ଯାଇଥିବା ବେଳେ ସବିତା ସାହୁ ମଧ୍ୟାହ୍ନରେ ନଡ଼ା ଓ ପଲିଥିନ ଛପର ରୋଷେଇ ଘରେ ଚୁଲିରେ ଭାତ ରାନ୍ଧୁଥିଲେ। ଏହି ସମୟରେ ପ୍ରଚଣ୍ଡ ଖରାରେ ବିଲରେ ଚରୁଥିବା ଗୋରୁଙ୍କୁ ଆଣିବାକୁ ଚାଲିଯିବାରୁ ଚୁଲିରୁ ନିଆଁ ଉଠି ପାଖରେ ଥିବା ଜାଳଭାଡ଼ିରେ ଲାଗିଯାଇଥିଲା। ଏହାପରେ ଘର ଉପରକୁ ଉଠିଯାଇଥିଲା। ପଡ଼ୋଶୀ ନିଆଁ ଜଳୁଥିବା ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଦମକଳବାହିନୀ ଯାଇ ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଘରର ସମସ୍ତ ଆସବାବପତ୍ର, ଧାନ, ଚାଉଳ, ଟଙ୍କା ଓ ସୁନାଗହଣା ଆଦି ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ପୋଡ଼ି ଭସ୍ମୀଭୂତ ହୋଇଥିଲା। ପରେ କଖଡ଼ା ରାଜସ୍ୱ ବିଭାଗର ନିରୀକ୍ଷକ କୃଷ୍ଣା ରାଉତ ପହଞ୍ଚି କ୍ଷୟକ୍ଷତିର ଆକଳନ କରି ଫେରିଛନ୍ତି। ନିଃସହାୟ ଗରିବ ପରିବାରକୁ ସରକାର ଅବିଳମ୍ବେ ଆର୍ଥିକ ସାହାଯ୍ୟ ଓ ବାସଗୃହ ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

### ଟ୍ରାନ୍ସଫର୍ମରରେ ନିଆଁ, ଭୟଭୀତ ସହରବାସୀ

ବାଲେଶ୍ୱର, ୨୩।୪(ମାନସ ବିଶ୍ୱାଳ)

ବାଲେଶ୍ୱର ବିବେକାନନ୍ଦ ରୋଡ୍ କଲେକ୍ଟୋରେଟ୍ ନିକଟରେ ଥିବା ଏକ ଟ୍ରାନ୍ସଫର୍ମରରେ ମଙ୍ଗଳବାର ଦ୍ୱିପ୍ରହରରେ ହଠାତ୍ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଦୋକାନୀ ଏବଂ ଆଖପାଖ ଲୋକମାନେ ଭୟଭୀତ ହୋଇପଡିଥିଲେ। ବିଦ୍ୟୁତ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପରେ ଦମକଳବାହିନୀ ମଧ୍ୟ ପହଞ୍ଚିଥିଲେ। ସହଦେବଖୁଣ୍ଟା ଥାନା ପୋଲିସ ପହଞ୍ଚି ଲୋକଙ୍କ ସୁରକ୍ଷା ନେଇ ରାସ୍ତାର ଗୋଟିଏ ପାର୍ଶ୍ୱ ବନ୍ଦ କରିଦେଇଥିଲେ। ଟ୍ରାନ୍ସଫର୍ମର ଅର୍ଦ୍ଧେକ ଅଂଶ ଜଳିଯାଇଛି। ସର୍ଟସର୍କିଟ କିମ୍ବା ଅତ୍ୟଧିକ ଗ୍ରୀଷ୍ମପ୍ରବାହ ନେଇ ଜଳିଥାଇପାରେ ବୋଲି ଅନୁମାନ କରାଯାଉଛି। ଏହି ଘଟଣାରେ କାହାରି କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି।

### କୋଇଲା ବୋଝେଇ ବଗିରେ ନିଆଁ

ରୂପସା, ୨୩।୪(ବାଞ୍ଛାନିଧି ଦେ)

ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ରୂପସା ରେଳ ଷ୍ଟେଶନରେ ଏକ କୋଇଲା ବୋଝେଇ ଟ୍ରେନରେ ହଠାତ୍ ନିଆଁ ଲାଗି ୩ଟି ବଗିରେ ଆଂଶିକ କ୍ଷତି ହୋଇଛି। ସୂଚନା ଅନୁସାରେ ବାଲେଶ୍ୱର ପଟୁ ପଶ୍ଚିମବଙ୍ଗ ଯାଉଥିବା ଏହି କୋଇଲା ବୋଝେଇ ମାଲବାହୀ ଟ୍ରେନରେ ହଳଦୀପଦା ନିକଟରେ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ଫଳରେ ରୂପସା ରେଳଷ୍ଟେଶନର ୩ନଂ. ପ୍ଲାଟଫର୍ମରେ ଟ୍ରେନକୁ ଛିଡ଼ା କରାଯାଇଥିଲା। କୋଇଲା ବୋଝେଇ ଟ୍ରେନଟିର ୩ଟି ବଗିରୁ ଧୂଆଁ ବାହାରୁଥିବାର ଦେଖି ଷ୍ଟେଶନ କର୍ତ୍ତୃପକ୍ଷ ବସ୍ତା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ କେନ୍ଦ୍ରାଧିକାରୀ ପ୍ରତାପ କୁମାର ପାଲ ସଦଳବଳେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରବଳ ଗରମ ଯୋଗୁ କୋଇଲାରୁ ନିଆଁ ଲାଗିଥିବା ଅଗ୍ନିଶମ ବାହିନୀ ପକ୍ଷରୁ ସୂଚନା ମିଳିଛି।

### ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ତ୍ରୁଟିପୂର୍ଣ୍ଣ

#### ତଦାରଖ ଲାଗି ନିର୍ବାହୀଯନ୍ତ୍ରୀଙ୍କୁ ଭେଟିଲେ ଗ୍ରାମବାସୀ

ଜଳେଶ୍ୱର, ୨୩।୪(ରବିନାରାୟଣ ପାତ୍ର)

ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ନିମପୁର ଗାଁରୁ ବାଣିଦା ଯାଏ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା କାର୍ଯ୍ୟ ଆରମ୍ଭ ହୋଇଛି। ନିମପୁର ଗାଁର ଜଣେ ବ୍ୟକ୍ତିଙ୍କ ଘର ନିକଟରେ ପକ୍କା ପାଚେରି ନିର୍ମାଣ ହୋଇଥିବାରୁ ସେ ସ୍ଥାନରେ ରାସ୍ତାର ଓସାର ସଙ୍କୁଚିତ ହୋଇଛି। ସରକାରଙ୍କ ନିୟମ ଅନୁଯାୟୀ ସେଠାରେ ରାସ୍ତାର ଓସାର ଠିକ୍ ନ ଥିବାରୁ ଆସନ୍ତା ଦିନରେ ସେ ରାସ୍ତାରେ ଯାନବାହନ ଯାତାୟାତରେ ନିଶ୍ଚିତ ବ୍ୟାଘାତ ସୃଷ୍ଟି ହେବ ଓ ଦୁର୍ଘଟଣା ହେବ। ଏ ସମ୍ପର୍କରେ ଠିକାଦାରଙ୍କୁ ବାରମ୍ବାର କୁହାଯାଇଥିଲେ ମଧ୍ୟ କୌଣସି ସନ୍ତୋଷଜନକ କାର୍ଯ୍ୟ ହେଉ ନ ଥିବାରୁ ନିମପୁର ଗ୍ରାମବାସୀ କ୍ଷୋଭ ପ୍ରକାଶ କରି ମଙ୍ଗଳବାର ନିର୍ବାହୀଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟି ସରଜମିନ ତଦନ୍ତ କରିବାକୁ ନିବେଦନ କରିଛନ୍ତି। ଏହା ନିର୍ମାଣ ହେଲେ ନାମ୍ପୋଠାରୁ ସିଧାସଳଖ ଶାଳିକୋଠାରେ ଜଳେଶ୍ୱର -ପଶ୍ଚିମବାର୍ଡ ରାସ୍ତା ସହିତ ସଂଯୋଗ ହୋଇପାରିବ। ଏହି ସ୍ଥାନଗୁଡ଼ିକ ବନ୍ୟାଞ୍ଚଳ ହୋଇଥିବାରୁ ଏହି ପ୍ରଧାନମନ୍ତ୍ରୀ ସଡ଼କ ଯାତାୟାତରେ ଯଥେଷ୍ଟ ସହାୟକ ହେବ ବୋଲି ଗ୍ରାମବାସୀ କହିଛନ୍ତି।

# ପାଚିଲା ଧାନ କ୍ଷେତରେ ହାତୀପଲ

- ରାତିରେ ଗାଁ ମୁହାଁ, ଦିନରେ ଜଙ୍ଗଲ
- ପହଞ୍ଚିଲାନି ପ୍ରଶାସନ, ଚିନ୍ତାରେ ଚାଷୀ

ରୂପସା, ୨୩।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ଥାନା ବରୁଣଗଡ଼ିଆ ପଞ୍ଚାୟତ ଅଧୀନ ନାଇକୁଡ଼ି ଗ୍ରାମରେ ସୋମବାର ରାତିରେ ଝାଡଖଣ୍ଡୀ ହାତୀପଲଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ୫୦ରୁ ଊର୍ଦ୍ଧ୍ୱ ଝାଡ଼ଖଣ୍ଡୀ ହାତୀ ବିଳମ୍ବିତ ରାତିରେ ନାଇକୁଡି ଗ୍ରାମରେ ପାଚିଲା ଧାନକ୍ଷେତରେ ପଶି ଫସଲ ନଷ୍ଟ କରିଥିଲେ। ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ନିଆଁ ଲାଗିଥିବାରୁ ହାତୀପଲ ଜଙ୍ଗଲ ଛାଡ଼ି ଗାଁ ମୁହାଁ ହେଉଥିବା ଅନୁମାନ କରାଯାଉଛି। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ହାତୀପଲ ଚାଷ ଜମିରେ ପଶି ପାଚିଲା ଧାନ ଖାଇବା ସହ ଦଳଚକଟା କରିବା ଫଳରେ ଚାଷୀ ଜୟନ୍ତ ବେହେରା, ରତିକାନ୍ତ ବେହେରା, କାର୍ତ୍ତିକ ବେହେରା, ସଞ୍ଜୀବ ରାଉତ, ରଞ୍ଜିତ ମହନ୍ତ, ତପନ ପାତ୍ର, ମଦନ ନାୟକ, ପୂର୍ଣ୍ଣଚନ୍ଦ୍ର ଖଟୁଆ ଓ କାର୍ତ୍ତିକ ରାମ ଚାଷୀଙ୍କ ୧୫ଏକରରୁ ଅଧିକ ଜମିରେ ହୋଇଥିବା ରବି ଧାନ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଅଭିଯୋଗ ହୋଇଛି। ଖବର ପାଇ ରାତିରେ ବନବିଭାଗ ଟିମ୍ ପହଞ୍ଚି ହାତୀପଲକୁ ଘଉଡ଼ାଇଥିଲେ। ବାଲେଶ୍ୱର ଓ ମୟୂରଭଞ୍ଜ ସୀମାନ୍ତରେ ଏହି ହାତୀପଲ ଦିନରେ ଜଙ୍ଗଲ ଭିତରେ ରହୁଥିବା ବେଳେ ରାତିରେ ଗାଁକୁ ପଶୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ମଙ୍ଗଳବାର କୌଣସି ପ୍ରଶାସନିକ ଅଧିକାରୀ କି ରାଜସ୍ୱ ବିଭାଗ ଗାଁରେ ପହଞ୍ଚି ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। କ୍ଷତିଗ୍ରସ୍ତ ଚାଷୀ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।


ହାତୀପଲ ଦ୍ୱାରା ନଷ୍ଟ ହୋଇଥିବା ଧାନ ଫସଲ।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ


ବିଧାୟକ ସ୍ୱରୂପ ଦାସ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି।

ବାଲେଶ୍ୱର, ୨୩।୪(ମାନସ ବିଶ୍ୱାଳ)

ବାଲେଶ୍ୱର ପୌର ପରିଷଦ ୭ନଂ. ୱାର୍ଡରେ ମଙ୍ଗଳବାର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଘରକୁ ଘର ବୁଲି ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣ ଯୋଜନା ବିଷୟରେ ସଚେତନତା କରାଇବା ସହ ଆସନ୍ତା ଜୁନ୍ ୧ ତାରିଖରେ ଉଭୟ ଏମ୍‌ପି ଏବଂ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଆଶୀର୍ବାଦ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ପୂର୍ବତନ ଉପାଧ୍ୟକ୍ଷ ମନୋଜ ରାଉତ, ୭ନଂ. ୱାର୍ଡ଼ର କାଉନସିଲର ମିରାଜ ବାନୋ, ପୂର୍ବତନ କାଉନସିଲର ସାକିର ଖାନ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧୀରେନ ନାୟକ, ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡ଼ି, ନାରୀନେତ୍ରୀ ରାଜଲକ୍ଷ୍ମୀ ଚାଟ୍ଟାଜୀ ପ୍ରମୁଖ ସାମିଲ ହୋଇ ବିଜେଡି ପାଇଁ ପ୍ରଚାର କରିଥିଲେ।

# ଏଫ୍‌ଏମ୍‌ୟୁ ଓ ପ୍ରାଚୀନ କଳା କେନ୍ଦ୍ର ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର

ବାଲେଶ୍ୱର, ୨୩।୪(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ ଚଣ୍ଡିଗଡସ୍ଥିତ ପ୍ରାଚୀନ କଳାକେନ୍ଦ୍ର ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, କୁଳସଚିବ କୁକୁମିନା ଦାସ, ସ୍ନାତକ ପରିଷଦ ଅଧ୍ୟକ୍ଷ ପ୍ରଫେସର ଡ. ସୂର୍ଯ୍ୟେନ୍ଦୁ କୁମାର ଦେ ତଥା ବିଶ୍ୱବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ଓ ଅନ୍ୟ ଅଧ୍ୟାପିକାଅଧ୍ୟାପକମାନଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। କାର୍ଯ୍ୟକ୍ରମରେ ପ୍ରାଚୀନ କଳାକେନ୍ଦ୍ରର ସେକ୍ରେଟେରୀ ସଜଲ କୋସର ଓ ଓଡ଼ିଶା ଆଫେୟାର୍ସର ଇନଚାର୍ଜ ବ୍ୟୋମକେଶ ଜେନା ଉପସ୍ଥିତ ହୋଇ ଦୁଇ ଅନୁଷ୍ଠାନ ମଧ୍ୟରେ, ଏକାଡେମିକ୍ କ୍ଷେତ୍ରରେ ସଂଗଠିତ କାର୍ଯ୍ୟକ୍ରମ ତଥା କାର୍ଯ୍ୟକଳାପର ବିକାଶକୁ ସମର୍ଥନ କରିବା ସହିତ 'ପ୍ରଦର୍ଶନ ଏବଂ ଭିଜୁଆଲ୍ ଆର୍ଟ' ଯାହା ମାଧ୍ୟମରେ ଛାତ୍ରବୃତ୍ତିକୁ ଆଗକୁ ନିଆଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ।

ଏହି ବୁଝାମଣାପତ୍ର ଦ୍ୱାରା ମିଳିତ ଅନୁସନ୍ଧାନ ପ୍ରକଳ୍ପ, ମିଳିତ ସମ୍ମିଳନୀ, କର୍ମଶାଳା, ସମ୍ମିଳନୀ, ସେମିନାର ଏବଂ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ, ନୃତ୍ୟ ଏବଂ ଚିତ୍ରକଳା (ପେଣ୍ଟିଂ) କ୍ଷେତ୍ରରେ ତାଲିମ କାର୍ଯ୍ୟକ୍ରମ ଆଦି ଅନ୍ତର୍ଭୁକ୍ତ କରାଯିବାର ଉଦ୍ଦେଶ୍ୟ ରଖାଯାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମଗୁଡ଼ିକ ପ୍ରତ୍ୟେକ ଏକାଡେମିକ୍ ଅଧିବେଶନ ଏକ ବର୍ଷିକିଆ ପାଠ୍ୟକ୍ରମ ରୂପେ ଆରମ୍ଭ ହେବ ଓ ପାଠ୍ୟକ୍ରମ ସମାପ୍ତି ଏକ ପରୀକ୍ଷା ମାଧ୍ୟମରେ କରାଯିବ। ଯୋଗ୍ୟତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଉଭୟ ବିଶ୍ୱବିଦ୍ୟାଳୟ ଦ୍ୱାରା ଦସ୍ତଖତଯୁକ୍ତ ଡିପ୍ଲୋମା ପ୍ରମାଣପତ୍ର ପ୍ରଦାନ କରାଯିବ। ଏଥିସହିତ ଉପରୋକ୍ତ ପାଠ୍ୟକ୍ରମଗୁଡ଼ିକ କ୍ଷେତ୍ରରେ ଅଧ୍ୟାପିକାଅଧ୍ୟାପକ, ସ୍ନାତକ ଛାତ୍ର (ପିଏଚ୍‌ଡ଼ି) ଏବଂ ପୋଷ୍ଟଡକ୍ଟରାଲ୍ ଗବେଷକଗଣଙ୍କ ସହିତ ଅନୁସନ୍ଧାନର ଆଦାନପ୍ରଦାନ କରାଯିବ। ଏହି ବୁଝାମଣାପତ୍ରର ସୁଯୋଗ ପୂରଣ ଦିଗରେ ଏକାଡେମିକ୍ ପ୍ରକାଶନ ଏବଂ ଅନ୍ୟାନ୍ୟ ସୂଚନାର ପାରସ୍ପରିକ ଆଦାନପ୍ରଦାନକୁ ମଧ୍ୟ ସ୍ଥାନ ଦିଆଯିବ। ଦୁଇ ଅନୁଷ୍ଠାନର ସହଯୋଗରେ ପାଠ୍ୟକ୍ରମ ସମ୍ପର୍କିତ ଅନ୍ୟାନ୍ୟ ଦିଗର ବିକାଶୀକରଣକୁ ଧ୍ୟାନ ଦିଆଯିବ ଯାହାକି ପ୍ରାଚୀନ କଳା କେନ୍ଦ୍ରର 'କଳା ସଙ୍ଗମ' ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯାଇପାରିବ। ଏହି ବୁଝାମଣାପତ୍ର ଦ୍ୱାରା ଉଭୟ ବିଶ୍ୱବିଦ୍ୟାଳୟ ଉପକୃତ ହୋଇପାରିବେ ବୋଲି କୁଳପତି ପ୍ରଫେସର ତ୍ରିପାଠୀ ଆଶାବ୍ୟକ୍ତ କରିଛନ୍ତି।


ବୁଝାମଣାପତ୍ର ସ୍ୱାକ୍ଷର କରାଯାଉଛି।

## ପୂର୍ବଶତ୍ରୁତାକୁ ନେଇ ଆକ୍ରମଣ

ବାହାନଗା, ୨୩।୪(ଅରୂପ୍ କୁମାର ଦାସ)

ପୂର୍ବଶତ୍ରୁତାକୁ ନେଇ ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତ ରାମତାଳି ଆଡିଆ ଗ୍ରାମର ଗୋଟିଏ ପରିବାରକୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଛି। ଉକ୍ତ ପରିବାରର ଜଣେ ଯୁବକ ଗୁରୁତର ହୋଇଛନ୍ତି। ଏନେଇ ସୋର ଥାନାରେ ଗୁରୁତର ଯୁବକଙ୍କ ବଡଭାଇ ଲିଖିତ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଅପରାହ୍ନରେ ରାମତାଳିଆଡିଆ ଗ୍ରାମର ମଦନମୋହନ ଖିଲାରଙ୍କ ସାନପୁଅ ମନୋରଞ୍ଜନ ନିଜର 'ମା'ଙ୍କୁ ଭତ୍ତା ଟଙ୍କା ଆଣିବା ପାଇଁ ନିକଟସ୍ଥ ରାମତାଳି ଯୁପି ବିଦ୍ୟାଳୟକୁ ନେଇଯାଇଥିଲେ । ସେଠାରେ ସରପଞ୍ଚ ଦେଖାହେବାରୁ ମନୋରଞ୍ଜନ ଇନ୍ଦିରା ଆବାସ ନେଇ ଆଲୋଚନା କରିବା ବେଳେ ରାମତାଳିଆଡିଆ ଗ୍ରାମର ଶାନ୍ତନୁ କୁମାର ଦାସ ପହଞ୍ଚି ମନୋରଞ୍ଜନଙ୍କୁ ଗାଳିଗୁଲଜ କରିବା ସହିତ ଧକ୍କାମାରି ଧମକ ଦେଇଥିଲେ। ପରେ ସେହି ରାତିରେ ଶାନ୍ତନୁଙ୍କ ସହିତ ଜଣେ ମହିଳା ଓ ୬ ଜଣ ସହଯୋଗୀ ମଦନମୋହନଙ୍କ ଘର ନିକଟକୁ ଆସି ଘର ପୋଡିଦେବା ଲାଗି ଧମକ ଦେବା ସହ ଘର ଆଜବେଷ୍ଟସକୁ ପିଟି ଭାଙ୍ଗିବା ଫଳରେ ପରିବାର ଲୋକେ ବାହାରକୁ ଆସି ସେମାନଙ୍କୁ ପ୍ରତିବାଦ କରିଥିଲେ। ଫଳରେ ସେମାନେ ମନୋରଞ୍ଜନଙ୍କୁ ମାଡ ମାରି ଗୁରୁତର କରିବା ଓ ତାଙ୍କ ମା'ଙ୍କୁ ମଧ୍ୟ ଆକ୍ରମଣ କରି ଆହତ କରିଥିଲେ। ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ଗଣ୍ଡଗୋଳ କରୁଥିବା ଯୁବକମାନେ ପଳାଇଥିଲେ। ଗୁରୁତର ଯୁବକଙ୍କୁ ଚିକିତ୍ସା ପାଇଁ ମେଡିକାଲ ନେବା ସହିତ ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ କରିବାର ୩ ଦିନ ବିତିଯାଇ ଥିଲେ ମଧ୍ୟ ପୋଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଅଭିଯୋଗକାରୀଙ୍କ ପରିବାର ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ବିଜେଡିର ମହାମିଶ୍ରଣ ପର୍ବ, କର୍ମୀ ସମ୍ମିଳନୀ


ମିଶ୍ରଣପର୍ବରେ ବସ୍ତା ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ଓ ଅନ୍ୟମାନେ।

କାଳିପଦା, ୨୩।୪(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ପ୍ରତାପପୁର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ବିଜେଡି ପକ୍ଷରୁ ବିଶାଳ କର୍ମୀ ସମ୍ମିଳନୀ ଏବଂ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ବସ୍ତାର ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନାଙ୍କୁ ଜଗାଇ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟଠାରୁ ବିଶାଳ ଶୋଭାଯାତ୍ରାରେ ହଜାର ହଜାର କର୍ମୀ ପ୍ରତାପପୁରଠାରେ କର୍ମୀ ସମାବେଶ ସ୍ଥଳକୁ ପାଛୋଟି ନେଇଥିଲେ। ଏହି ମିଶ୍ରଣ ପର୍ବରେ କଂଗ୍ରେସ ଦଳ ଛାଡି ବହୁ ବରିଷ୍ଠ ନେତା ଓ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱରର ପୂର୍ବତନ ଏମ୍‌ପି ତଥା ଖୋର୍ଦ୍ଧା ଜିଲା ପର୍ଯ୍ୟବେକ୍ଷକ ରବୀନ୍ଦ୍ର କୁମାର ଜେନା ଏବଂ ବସ୍ତା ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ସମସ୍ତ କର୍ମୀଙ୍କୁ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ କରାଇଥିଲେ। ରାଜ୍ୟ ସରକାର ମହିଳାମାନଙ୍କୁ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନାର ସାମିଲ ହୋଇ ଆତ୍ମନିର୍ଭରଶୀଳ କରାଇଛନ୍ତି, ଯାହାକି ଆଜିର ଏହି ସମାବେଶରେ ବାରିହୋଇ ପଡୁଛି। ସମାବେଶରେ ୮୦ଭାଗ ମହିଳା ଉପସ୍ଥିତ ଥିଲେ। ଏହି ସମାବେଶକୁ ପଞ୍ଚାୟତ ସଭାପତି ଅଜୟ କୁମାର ପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କୃଷକ ସେଲ ସଭାପତି ଅଜୟ ସାମଲ, ଜିଲା ଛାତ୍ର ସଭାପତି ସୀମନ ଦାସ ମହାପାତ୍ର, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଶଧର ପ୍ରଧାନ, ଜିଲା ପରିଷଦ ବେଣୁଧର ଜେନା, ନିଶାକର ସେଠୀ, ସରପଞ୍ଚ କସ୍ତୁରୀବାଳା ପାତ୍ର, ସମିତିସଦସ୍ୟା କାବେରୀରାଣୀ ରାଉତ, ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ବ୍ଲକ ବିଜେଡି ସଭାପତି ଗୋବିନ୍ଦ ଦାସ, ବରିଷ୍ଠ ବିଜେଡି ନେତା ଚକ୍ରଧର ଗିରି, ଯୁବନେତା ପ୍ରଦୀପ କର ଓ ହାଡ଼ିବନ୍ଧୁ ରାଉତ ପ୍ରମୁଖ ଯୋଗଦେଇ ବିଜେଡି ସରକାରଙ୍କର ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ଯୁବନେତା ଅଶ୍ୱିନୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କଂଗ୍ରେସ ଦଳ ଛାଡ଼ି ସୁଶାନ୍ତ ଦାସ, ବସନ୍ତ ଦାସ, ନବକାଞ୍ଚ ଜେନା, ସୁରେନ୍ଦ୍ର ଦାସ, ଗଙ୍ଗାଧର କାମିଲା, କଟ ଜେନା, ଗଦାଧର ପାତ୍ର, ମଧୁସୂଦନ ପାତ୍ର, ଆଦିକନ୍ଦ ସାହୁ, ହିମାଂଶୁ ଶେଖର ପାତ୍ର, ପୂର୍ବତନ ପ୍ରଧାନଶିକ୍ଷକ ରେବତୀ ଜେନା, ଝାଡ଼େଶ୍ୱର ନାୟକ ପ୍ରମୁଖ ଶତାଧିକ ନେତା ଓ କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

# ଭାଜପାର କାର୍ଯ୍ୟକାରିଣୀ ବୈଠକ

## ଏମ୍‌ପି, ବିଧାୟକ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ରୋଡମ୍ୟାପ୍

ରେମୁଣା, ୨୩।୪(ରବୀନ୍ଦ୍ର ମହାକୁଡ଼)– ବାଲେଶ୍ୱର ଜିଲା ରେମୁଣା ଭାଜପା ପକ୍ଷରୁ ଲବଣତୀର୍ଥ ମଣ୍ଡଳ, ବାଘାଯତୀନ ମଣ୍ଡଳ, କ୍ଷୀରୋଚୋରା ମଣ୍ଡଳ, ଏନ୍‌ଏସି ମଣ୍ଡଳ ଓ ମଣିନାଗେଶ୍ୱର ମଣ୍ଡଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ନିର୍ବାଚନକୁ ଆଖି ଆଗରେ ରଖି ହୋଇଥିବା କାର୍ଯ୍ୟକାରିଣୀ ବୈଠକରେ ମଣ୍ଡଳର ସାଧାରଣ ସମ୍ପାଦକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଣ୍ଡଳ ସଭାପତିମାନେ ସଭାପତିତ୍ୱ କରିଥିଲେ।

ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ରେମୁଣା ବିଧାନସଭା ପ୍ରାର୍ଥୀ ଗୋବିନ୍ଦଚନ୍ଦ୍ର ଦାସ, ରେମୁଣା ପ୍ରଭାରୀ ଆଶିଷ ଘୋଷ, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସିପ୍ରାରେଖା ମହାପାତ୍ର, ଜିଲା ଉପସଭାପତି ମିନାକ୍ଷୀ ମହାପାତ୍ର, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ସୁବୋଧ ଚନ୍ଦ୍ର ପଣ୍ଡା, ଜିଲା ଓବିସି ମୋର୍ଚ୍ଚା ଉପସଭାପତି ନିତୁନ କୁମାର ସାହା, ଜିଲା ଯୁବମୋର୍ଚ୍ଚା ଉପସଭାପତି ନାରାୟଣ ମହନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ରେମୁଣାରେ ଉଭୟ ଏମ୍‌ପି ପ୍ରାର୍ଥୀ ଷଡ଼ଙ୍ଗୀ ଓ ବିଧାୟକ ପ୍ରାର୍ଥୀ ଦାସ କିଭଳି ଅଧିକ ଭୋଟ୍ ବ୍ୟବଧାନରେ ଜିତିବେ ତାର ରୋଡମ୍ୟାପ ପ୍ରସ୍ତୁତି କରି ତୃଣମୂଳ ସ୍ତରରେ ଏହାକୁ କାର୍ଯ୍ୟକାରୀ କରିବାକୁ ସମସ୍ତଙ୍କୁ ସଚେତନ କରିଥିଲେ।


କାର୍ଯ୍ୟକାରିଣୀ ବୈଠକରେ ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଅନ୍ୟମାନେ।

# ପାରମ୍ପରିକ ରୀତିରେ ଦନ୍ତୁରୁ ଉଡ଼ା ଯାତ୍ରା ପାଳିତ

ଔପଦା, ୨୩।୪(ଧରିତ୍ରୀ ପଣ୍ଡା)

ଔପଦା ବ୍ଲକ ବଡ଼ପୋଖରୀଠାରେ ଐତିହାସିକ ଦନ୍ତୁରୁ ଉଡ଼ାଯାତ୍ରା ପାରମ୍ପରିକ ରୀତିନୀତିରେ ପାଳନ କରାଯାଇଛି। ବିଭିନ୍ନ ଅଞ୍ଚଳରୁ ୫ ହଜାରରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କର ସମାବେଶ ହୋଇଥିଲା। ରାଜାଶାସନ ସମୟରୁ ଏହି ଉଡ଼ାଯାତ୍ରା ପାଳନ କରାଯାଉଥିବା ବେଳେ ଆରାଧ୍ୟ ଦେବୀ ମା' ଘଟ ବାସୁଳୀ ପୂଜା ପାଇଥାନ୍ତି। ପୂର୍ବ ନିର୍ଦ୍ଧାରିତ ବୈଶାଖ ମାସ ୯ ଦିନରେ ଉଡ଼ା ଯାତ୍ରା ପାଳନ କରାଯାଉଥିବା ବେଳେ ରୀତିନୀତି ଅନୁସାରେ ମା'ଙ୍କ ଠାରେ ପୂଜା କରାଯାଇ ପାଟୁଆଙ୍କ ଦେହରେ ଲୁହାର କଣ୍ଟାଫୋଡ଼ା ଯାଇଥିଲା। ପରେ ଆଦିବାସୀ ନୃତ୍ୟ, ବାଦ୍ୟରେ ପାଟୁଆ ଓ ଦାସୀମାନେ ସ୍ଥାନୀୟ ସାହି ପରିକ୍ରମା କରି ଉଡ଼ା ଖମ୍ବ ନିକଟରେ ପହଞ୍ଚିଥିଲେ। ପାଟୁଆମାନେ ଖମ୍ବରେ ଲାଗିଥିବା ବାହାଲ ଦ୍ୱାରା ଉଡୁଥିବାର ଦୃଶ୍ୟ ବେଶ ଚିତ୍ତାକର୍ଷକ ହୋଇଥିବାରୁ ଯାତ୍ରୀମାନେ ଏହି ଦୃଶ୍ୟକୁ ବେଶ ଉପଭୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗ୍ରାମର ଲୋକମାନେ ଏକ ଉଡ଼ା ଯାତ୍ରା କମିଟି ଗଠନ କରି ଯାତ୍ରାକୁ ପରିଚାଳନା କରିଥାନ୍ତି।

# ସ୍କୁଲ ଖୋଲିବା ଦାବିରେ ଅଭିଭାବକଙ୍କ ବିକ୍ଷୋଭ

ଭୋଗରାଇ, ୨୩।୪(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ କସବା କମର୍ଦ୍ଦା ପଞ୍ଚାୟତ କଣ୍ଟାବଣି ନେତ୍ରମୋହନ ଏମ୍‌ଇ ବିଦ୍ୟାଳୟକୁ ଅବିଳମ୍ବେ ଖୋଲାଯାଇ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ନିମନ୍ତେ ଅନୁମତି ଦେବା ଦାବିରେ ସ୍କୁଲର ୫୦ରୁ ଅଧିକ ଅଭିଭାବକ ମଙ୍ଗଳବାର ଭୋଗରାଇ ଗୋଷ୍ଠୀ ଶିକ୍ଷାକେନ୍ଦ୍ର କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାଜ୍ୟ ସରକାର ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକ ଶିକ୍ଷକଙ୍କ ଅବସର ପରେ ଉକ୍ତ ସ୍କୁଲଗୁଡ଼ିକ ବନ୍ଦ ପାଇଁ ନିର୍ଦ୍ଦେଶ ଦେବା ସହିତ ପରିସର କିମ୍ବା ପାଖରେ ଥିବା ପ୍ରାଥମିକ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଭର୍ତ୍ତି ନିମନ୍ତେ ପରାମର୍ଶ ଦେଇଛନ୍ତି। ଏଭଳି ସ୍ଥିତିରେ ଭୋଗରାଇ ବ୍ଲକରେ ୭ଟି ପ୍ରାଥମିକ ଏମ୍‌ଇ ସ୍କୁଲକୁ ସରକାର ଚଳିତବର୍ଷ ବନ୍ଦ କରିବାକୁ ଯାଉଥିବା ବେଳେ ଅଭିଭାବକମାନେ ପ୍ରତିବାଦ କରିବା ସହିତ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହୋଇଛନ୍ତି। କଣ୍ଟାବଣି ଓ ମହମ୍ମଦପୁର ସ୍କୁଲର ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ହାଇକୋର୍ଟରେ ଏଥିପାଇଁ ଦ୍ୱାରସ୍ଥ ହୋଇଛନ୍ତି। କଣ୍ଟାବଣି ଏମ୍‌ଇ ସ୍କୁଲର ଅଭିଭାବକମାନେ ବିଇଓ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳଙ୍କୁ ଅବିଳମ୍ବେ ସ୍କୁଲ ଖୋଲିବାକୁ ଉଚ୍ଚ କର୍ତ୍ତୃପକ୍ଷ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଇଓ ବିଶ୍ୱାଳ ଏହି ଘଟଣାକୁ ଗମ୍ଭୀର ଭାବେ ନେବା ସହିତ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିବେ ବୋଲି ଆନ୍ଦୋଳନକାରୀଙ୍କୁ ସୂଚନା ଦେଇଛନ୍ତି।


ବିଇଓ କାର୍ଯ୍ୟାଳୟରେ ଅଭିଭାବକଙ୍କ ବିକ୍ଷୋଭ ପ୍ରଦର୍ଶନ।

# ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବାକୁ ଆହ୍ୱାନ

## ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ପୃଥିବୀ ଦିବସ ପାଳିତ

ବାଲେଶ୍ୱର, ୨୩।୪(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଭୂଗୋଳ ବିଭାଗ, ଭୂବିଜ୍ଞାନ ବିଭାଗ ଓ ପରିବେଶ ବିଜ୍ଞାନ ବିଭାଗର ମିଳିତ ସହଯୋଗରେ ଚଳିତବର୍ଷ ପୃଥିବୀ ଦିବସର ମୁଖ୍ୟ ପ୍ରସଙ୍ଗ ଗ୍ରହ ବନାମ ପ୍ଲାଷ୍ଟିକ୍ (ପ୍ଲାନେଟ୍ ବନାମ ପ୍ଲାଷ୍ଟିକ)କୁ ନେଇ 'ପୃଥିବୀ ଦିବସ-୨୦୨୪' ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରି ପୃଥିବୀକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ ବିହୀନ କରିବାର ସଂକଳ୍ପ ନେଇ ପ୍ଲାଷ୍ଟିକ ବ୍ୟବହାରକୁ ଯଥାସମ୍ଭବ ହ୍ରାସ କରିବାକୁ ବ୍ୟକ୍ତିଗତସ୍ତରରେ ପ୍ରୟାସ କରିବା ଓ ଆସନ୍ନ ପିଢିକୁ ଏକ ନୂତନ ଓ ସୁସ୍ଥ ଜୀବନ ବଞ୍ଚିବା ପାଇଁ ପୃଥିବୀକୁ ପୁନଃ ନିର୍ମାଣ କରିବାକୁ ଆପ୍ରାଣ ଉଦ୍ୟମର ଆହ୍ୱାନ ଦେଇଥିଲେ। ଏହି ଦିବସର ସ୍ୱାତନ୍ତ୍ର୍ୟ ସମ୍ପର୍କରେ ଡ. ନିହାର ରଞ୍ଜନ ରାଉତ ଓ ଡ. ରୋଜାଲିନ ଦାସ ସୂଚନା ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦ ଅଧ୍ୟକ୍ଷ ପ୍ରଫେସର ଡ. ସୂର୍ଯ୍ୟେନ୍ଦୁ କୁମାର ଦେ ଯୋଗଦେଇ ପୃଥିବୀ ଦିବସ ପାଳନର ଇତିହାସ ଓ ଏଥିସମ୍ପର୍କିତ ଅନେକ ମୂଲ୍ୟବାନ ସଂଯୋଗିକ ସୂଚନାଗୁଡ଼ିକ ଦେଇଥିଲେ। ଏହି ଅବସରରେ ଡ. ପ୍ରକାଶ ଚନ୍ଦ୍ର ମିଶ୍ର ମୁଖ୍ୟ ପ୍ରସଙ୍ଗରେ ଆଲୋକପାତ କରି କହିଥିଲେ, ପ୍ଲାଷ୍ଟିକ୍ ଦ୍ୱାରା ସୃଷ୍ଟି ହୋଇଥିବା ଅସ୍ୱାସ୍ଥ୍ୟକର ବାତାବରଣ ଏବଂ ପରିବେଶର ଅପ୍ରୀତିକର ସ୍ଥିତି ଜନଜୀବନକୁ ବିପଦସଙ୍କେତ ଦେବା ଆରମ୍ଭ କରିସାରିଛି। ଏଣୁ କୌଣସି ଗୋଟିଏ ଦିନକୁ ପୃଥିବୀ ସୁରକ୍ଷାର ଦିନ ଭାବେ ପାଳନ ନ କରି ପ୍ରତିଦିନ ସମସ୍ତେ ନିଜ ନିଜ ସ୍ତରରେ ପ୍ରଦୂଷିତ ପଦାର୍ଥର ବ୍ୟବହାର ବର୍ଜନ କରିବା ଉଚିତ।

କାର୍ଯ୍ୟକ୍ରମକୁ ଡ. ସସ୍ମିତା ବେହେରା ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ଭୂଗୋଳ ବିଭାଗ ପ୍ରଫେସର ମନୋରଞ୍ଜନ ମିଶ୍ର ଯୋଗଦେଇ ବର୍ତ୍ତମାନ ପୃଥିବୀର ଇକୋସିଷ୍ଟମ କ୍ଷୀପ୍ର ଭାବରେ କ୍ଷତିଗ୍ରସ୍ତ ହେଉଥିବା ଏକ ପ୍ରମୁଖ କାରଣ ପ୍ଲାଷ୍ଟିକ ବୋଲି ଉଲ୍ଲେଖ କରିଥିଲେ। ସମୟାନୁକ୍ରମେ ପରିବେଶର ପରିବର୍ତ୍ତନ ସମ୍ବନ୍ଧୀୟ ଏକ ଉପସ୍ଥାପନା ପ୍ରଦର୍ଶିତ କରିଥିଲେ। ଏଥିରେ ସାମ୍ପ୍ରତିକ ପରିବେଶର ସ୍ଥିତି ଓ ୨୦୫୦ ବର୍ଷର ଆନୁମାନିକ ସ୍ଥିତି ସମ୍ପର୍କରେ ଦୃଷ୍ଟିପାତ କରାଯାଇଥିଲା। ପୁନଃ ବ୍ୟବହୃତ ଯୋଗ୍ୟ ପ୍ଲାଷ୍ଟିକ୍ ତଥା ଏକକ ବ୍ୟବହାର୍ଯ୍ୟ ସାମଗ୍ରୀର ପ୍ରୟୋଗ ଏହି ଜୀବନ ପ୍ରତି ବିପଦ ସମ୍ବେଦନଶୀଳ ପ୍ରସଙ୍ଗକୁ ଦୂରୀଭୂତ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ରବୀନ୍ଦ୍ର ନାଥ ହୋତା ଆଭାସୀ ମାଧ୍ୟମରେ ଯୋଗଦେଇ ପ୍ଲାଷ୍ଟିକର ବହୁଳ ବ୍ୟବହାର କାରଣ ଓ ଏହାର କୁପରିଣାମ ପରିବେଶ, ଜୀବନଶୈଳୀ ଓ ସ୍ୱାସ୍ଥ୍ୟ ଉପରେ କିପରି ସିଧାସଳଖ ଜଡ଼ିତ ହୋଇରହିଛି ସେ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ବିଭାଗର ମୁଖ୍ୟ, ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଶେଷରେ ଡ. ଅସୀମ ଅମିତାଭ ପ୍ରଧାନ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

